## ସଂକ୍ଷେପରେ

### ନିଦ ହଜାଇଲେ ଦନ୍ତା, ଛୁଆହାତୀ

ସଜନାଗଡ଼, ୨୯।୪(ଡି.ଏନ.ଏ.)-ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ବାଉଁଶବଣିଆ ପଞ୍ଚାୟତ ବାଲିଓରା ଓ ରାଇପୁର ଗ୍ରାମରେ ହାତୀ ଉପଦ୍ରବ ଦେଖାଦେଇଛି। ଗୁରୁବାର ମଧ ରାତିରେ ଗାଁରେ ଏକ ଦନ୍ତା ସମେତ ଛୁଆ ହାତୀ ପଶି ଲୋକଙ୍କ ନିଦ ହଜାଇ ଦେଇଥିଲା। ଗାଁ ଲୋକେ ରାତିରେ ବନବିଭାଗକୁ ଖବର ଦେଇଥିଲେ ହେଁ ଘଟଣାସ୍ଥଳରେ ବନବିଭାଗ ପହଞ୍ଚି ନ ଥିଲା। ଲୋକେ ଧନଜୀବନ ବଞ୍ଚାଇବାକୁ ନିଜେ ପ୍ରୟାସ କରିଥିଲେ। ଶୁକ୍ରବାର ସକାଳୁ ହାତୀ ନୀଳଗିରି-ପଞ୍ଚଲିଙ୍ଗେଶ୍ୱର ରାସ୍ତା ପାର ହୋଇଯାଇଥିଲା। ଏହି ସମୟରେ ଜଣେ ବୃଦ୍ଧ କଦଳୀ କାନ୍ଦୀ ନେଇ ନୀଳଗିରି ଯିବା ସମୟରେ ହାତୀ ମୁହଁରେ ପଡ଼ିଯାଇ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏହି ଅଞ୍ଚଳରେ ରାତିତମାମ୍ ହାତୀ ଉପଦ୍ରବ କରୁଥିବା ବେଳେ ବନବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ମାଟ୍ରିକ୍ ପରୀକ୍ଷା ଦେଲେନି ୧୯୩ ପରୀକ୍ଷାର୍ଥୀ

ବନ୍ତ,୨୯।୪(ଡି.ଏନ୍.ଏ./ସ୍ୱ.ପ୍ର.)-ମାଟ୍ରିକ୍ ପରୀକ୍ଷା(ସମେଟିଭ ଆସେସ୍‌ମେଣ୍ଟ-୨) ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଭଦ୍ରକ ଜିଲା ବନ୍ତ ବ୍ଲକର ୨ ନୋଡାଲ କେନ୍ଦ୍ର ଅଧୀନରେ ଥିବା ୧୪ ପରୀକ୍ଷା କେନ୍ଦ୍ରରେ ମୋଟ ୨୧୯୬ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ୧୯୩ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାଯାଇଛି। ସୂଚନା ଅନୁଯାୟୀ, ପ୍ରଥମ ଦିନରେ ବନ୍ତ ହାଇସ୍କୁଲ ନୋଡାଲ କେନ୍ଦ୍ର ଅଧୀନ ୭ ପରୀକ୍ଷା କେନ୍ଦ୍ରରେ ୧୦୫୯ ପରୀକ୍ଷା ଦେଇଥିବା ବେଳେ ୯୪ ଜଣ ଅନୁପସ୍ଥିତ ଥିଲେ। ସେଥିମଧ୍ୟରୁ ଏଚ୍‌ଏସ୍‌ସିରେ ୯୯୨ ପରୀକ୍ଷା ଦେଇଥିବା ବେଳେ ୮୨, ମଧ୍ୟମାରେ ୫୪ ଜଣ ପରୀକ୍ଷା ଦେଇଥିବା ବେଳେ ୧୦, ରାଜ୍ୟ ମୁକ୍ତ ବିଦ୍ୟାଳୟରେ ୧୩ ପରୀକ୍ଷା ଦେଇଥିବା ବେଳେ ୨ ଅନୁପସ୍ଥିତ ଥିଲେ। ସେହିପରି ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲ ନୋଡାଲ କେନ୍ଦ୍ର ଅଧୀନ ୭ କେନ୍ଦ୍ରରେ ୧୧୩୭ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ୯୯ଜଣ ପରୀକ୍ଷା ଦେଇନାହାନ୍ତି। ସେଥିମଧ୍ୟରୁ ଏଚ୍‌ଏସ୍‌ସିରେ ୧୧୦୧ ପରୀକ୍ଷା ଦେଇଥିବା ବେଳେ ୯୧ ଓ ମଧ୍ୟମାରେ ୩୬ ପରୀକ୍ଷା ଦେଇଥିବା ବେଳେ ୮ ଅନୁପସ୍ଥିତ ଥିଲେ। ବନ୍ତ ହାଇସ୍କୁଲ ନୋଡାଲ କେନ୍ଦ୍ରରେ ପ୍ରଧାନଶିକ୍ଷକ ଉତ୍ତମ କୁମାର ଦତ୍ତ ଓ ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲ ନୋଡାଲ କେନ୍ଦ୍ରରେ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁ ନୋଡାଲ ଅଫିସର ଦାୟିତ୍ୱ ତୁଲାଉଛନ୍ତି।

### ମଧୁସୂଦନ ଜୟନ୍ତୀ: ଆଇନଜୀବୀ ସମ୍ବର୍ଦ୍ଧିତ

କେନ୍ଦୁଝର,୨୯।୪ (ସ୍ୱ.ପ୍ର.)-କେନ୍ଦୁଝର ଓକିଲ ସଂଘ ପକ୍ଷରୁ ଗୁରୁବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସକାଳେ ସଭାପତି ଅଶୋକ ଦାସ, ସମ୍ପାଦକ ଆଲୋକ ମହାନ୍ତଙ୍କ ନେତୃତ୍ୱରେ ସଂଘ କାର୍ଯ୍ୟାଳୟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ। ସଂଘ ପକ୍ଷରୁ ଓକିଲ ଦିବସ ପାଳନ ଅବସରରେ ଅନୁଷ୍ଠିତ ସଭାରେ ୩ ବରିଷ୍ଠ ଆଇନଜୀବୀ ଜ୍ୟୋତିର୍ମୟୀ ଷଡ଼ଙ୍ଗୀ, ମୁରଲୀଧର ପାତ୍ର ଓ ପ୍ରଦ୍ୟୁମ୍ନ କୁମାର ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

### ମଦ ବେପାରୀ ଗିରଫ

କୁଆମରା,୨୯।୪(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ତୁଳସୀବଣୀ ଗ୍ରାମର ରାଜୁ ହେମ୍ବ୍ରମଙ୍କୁ ବେଆଇନ ମଦ କାରବାର ଅଭିଯୋଗରେ ପୋଲିସ ଗିରଫ କରିଛି। ଦୀର୍ଘ ଦିନ ଧରି ସେ ଦେଶୀ ମଦ ବିକ୍ରି କରୁଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଗୁରୁବାର ପୋଲିସ ଚଢ଼ାଉ କରି ତାଙ୍କଠାରୁ ୫ଲିଟର ମଦ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା(ନଂ. ୧୦୪/୨୨ ) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ପୋଲିସ ନୋଟିସ୍ ଦେଇ ଛାଡ଼ି ଦେଇଛି।

### ଜଙ୍ଗଲ ଜମି ପଟ୍ଟା ବଣ୍ଟନ

ପାଟଣା,୨୯।୪(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକର ୬ଟି ପଞ୍ଚାୟତର ୪୬୪ ଜଣଙ୍କୁ ଶୁକ୍ରବାର ବ୍ଲକ ସଭାଗୃହରେ ଜଙ୍ଗଲ ଜମି ପଟା ବଣ୍ଟନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମ ଡବ୍ଲ୍ୟୁଓ ଶୁଭେନ୍ଦୁ କୁମାର ବଳ ସଂଯୋଜନା କରିଥିବା ବେଳେ ବିଡିଓ ଈଶ୍ୱର ଚନ୍ଦ୍ର ନାଏକ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ଜଗନ୍ନାଥ ନାଏକ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ଶୁକାନ୍ତି ନାଏକ, ତହସିଲଦାର ତାପସ ରଞ୍ଜନ ଦେହୁରୀ, ପୂର୍ବତନ ବ୍ଲକ ଅଧକ୍ଷ ବିଶନାଥ ନାୟକ, ବଡ଼ ପାଟଣା ସରପଞ୍ଚ ବିନତି ବାନରା, ମୂଷାଖରୀ ସରପଞ୍ଚ ଭାମା ମଣୀ ଦାସ,ବନପାଳ ଚିତରଞ୍ଜନ ପରିଡା, ବରିଷ୍ଠ ବିଜେଡି ନେତା ମିତ୍ର ଭାନୁ ମହାନ୍ତ, ମନୁ ବେହେରା ପ୍ରମୁଖ ସାମିଲ ରହି ପଟ୍ଟା ବଣ୍ଟନ କରିଛନ୍ତି।

# ଅବହେଳାକୁ ନେଇ ଉଦ୍‌ବେଗ

**ବାରିପଦା ଅଫିସ, ୨୯।୪**



ବୈଠକରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ସହ ଅନ୍ୟମାନେ।

**ଜିଲା ଉନ୍ନୟନ, ସମନ୍ୱୟ ଓ କାର୍ଯ୍ୟକାରୀ କମିଟି ବୈଠକ**
- କ୍ଷେତ୍ର ପରିଦର୍ଶନ କରୁନାହାନ୍ତି ଅଧିକାରୀ
- ତାଗିଦ୍ କଲେ କେନ୍ଦ୍ର ମନ୍ତ୍ରୀ

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାବାସୀଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାକୁ ନେଇ ସରକାରୀ ସ୍ତରରେ ବିଭିନ୍ନ ଯୋଜନା ପ୍ରଣୟନ କରାଯାଉଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଗମନାଗମନ, ପାନୀୟଜଳ, ସ୍ୱାସ୍ଥ୍ୟ ଓ ଶିକ୍ଷା ଦିଗରେ ମୟୂରଭଞ୍ଜ ଜିଲାପ୍ରଶାସନ ଅବହେଳା କରୁଥିବା ନେଇ ୫ମ ଜିଲା ଉନ୍ନୟନ ସମନ୍ୱୟ ଓ କାର୍ଯ୍ୟକାରୀ କମିଟି(ଦିଶା) ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁ ନ ଥିବା ଓ ସେମାନଙ୍କ ନିଷ୍କ୍ରିୟତା ପାଇଁ ଏପରି ପରିସ୍ଥିତି ଉପୁଜି ଥିବା ଅଭିଯୋଗ ହୋଇଛି। ଏନେଇ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଅଧିକାରୀମାନଙ୍କୁ ତାଗିଦ୍ କରିଛନ୍ତି ।

ଶୁକ୍ରବାର ବାରିପଦାସ୍ଥିତ ମୁର୍ଗାବାଡ଼ି ପ୍ରୟାସ ହଲରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରମନ୍ତ୍ରୀ ଟୁଡୁ ଅଧକ୍ଷତା କରିଥିଲେ। ଜିଲାପରିଷଦ ଅଧକ୍ଷା ଭାରତୀ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡ଼ସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଡା.ବୁଢ଼ାନ ମୁର୍ମୁ, ଉଦଳା ବିଧାୟକ ଭାସ୍କର ମଢ଼େଇ ଓ ପିଡି ଡିଆରଡିଏ ପି.ଅନ୍ୱେଷା ରେଡ୍ଡି ପ୍ରମୁଖ ଉପସ୍ଥିତ ଥିଲେ । ଜିଲାରେ ଉପୁଜିଥିବା ବିଭିନ୍ନ ସମସ୍ୟା ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟଜଳ, ଗମନାଗମନ, ଏମଜିଏନ୍‌ଆର୍‌ଇଜିଏ ଯୋଜନା ଗୁଡିକର ସମୀକ୍ଷା କରାଯାଇଥିଲା। ଗତବର୍ଷ ଅତିରିକ୍ତ ଆବାସ ଗୃହ ପାଇଁ ୧ଲକ୍ଷ ୬୪ହଜାର ଗୃହ ଆବଶ୍ୟକତା ଥିବା ବେଳେ ୧ଲକ୍ଷ ୪୭ହଜାର ୪୯୪ଟି ଘର ପାଇଁ ଅର୍ଥ ମଞ୍ଜୁର ହେବାରେ ବିଳମ୍ବ ହୋଇଛି। ସେଥି ମଧ୍ୟରୁ ୧ଲକ୍ଷ ୪୬ହଜାର ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି। ଅଧିକ ୫୦ହଜାର ଆବାସ ଗୃହର ଆବଶ୍ୟକତା ରହିଥିବା ବେଳେ ଆବେଦନକାରୀଙ୍କ ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଆବାସ ଗୃହ ନିର୍ମାଣ ନିମନ୍ତେ ଆବଶ୍ୟକ ସରଞ୍ଜାମ ଗୁଡ଼ିକର ଅହେତୁକ ଦର ବୃଦ୍ଧି ହୋଇଥିବାରୁ ଅଧିକ ଅର୍ଥ ମଞ୍ଜୁର କରିବା ପାଇଁ ବାରିପଦା ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତି ଦାବି କରିଥିଲେ। ସେହିପରି ସୀମାନ୍ତରେ ଥିବା ଗ୍ରାମ ଗୁଡ଼ିକରେ ରାସ୍ତା ଓ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଯଶିପୁର ବିଧାୟକ ଗଣେଶରାମ ସିଂଖଣ୍ଟିଆ କହିଥିଲେ। ଅଦ୍ୟାବଧି ଶିମିଳିପାଳ ସଂଲଗ୍ନ ୨୨ଟି ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇ ନ ଥିବାରୁ ଅଞ୍ଚଳବାସୀ ଅନ୍ଧାରରେ ରହି ଆସୁଛନ୍ତି। ସେହିପରି ବିଭିନ୍ନ ସ୍ଥାନରେ ବିନା ସଂଯୋଗରେ ବିଦ୍ୟୁତ୍ ବିଲ ଆସୁଥିବା ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଯାଇଛି। ଗ୍ରୀଷ୍ମ ପ୍ରବାହକୁ ନେଇ ବିଭିନ୍ନ ସ୍ଥାନରେ ଦେଖାଦେଇଥିବା ଜଳକଷ୍ଟ ଦୂର କରିବାକୁ ତ୍ୱରିତ ପଦକ୍ଷେପ ଗ୍ରହଣ ଲାଗି ବୈଠକରେ ଅଲୋଚନା କରାଯାଇଥିଲା।

# ଶିଶୁ ସୁରକ୍ଷା ଉପରେ ଗୁରୁତ୍ୱ

**ଭଦ୍ରକ ଅଫିସ, ୨୯।୪**

୧୦ରୁ ୧୮ ବର୍ଷ ବର୍ଗର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମ ଆଦି ବିଭାଗର ସମସ୍ତ ଯୋଜନାରେ ଶତପ୍ରତିଶତ ପିଲାଙ୍କୁ ସାମିଲ କରାଗଲେ ଶିଶୁ ସୁରକ୍ଷା ଜନିତ ସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଭଦ୍ରକ ଜିଲାସ୍ତରୀୟ ବାଲ୍ୟବିବାହ ଟାସ୍କଫୋର୍ସ କମିଟି ବୈଠକରେ କୁହାଯାଇଛି। ଜିଲାପାଳ ତ୍ରିଲୋଚନ ମାଝି ଏଥିରେ ଅଧକ୍ଷତା କରିଥିଲେ। ଶିଶୁ ସୁରକ୍ଷା ନେଇ ସରକାରଙ୍କ ଦ୍ୱାରା ବିଭିନ୍ନ ଆଇନ ପ୍ରଣୟନ କରାଯାଇ ୨୦୩୦ ସୁଦ୍ଧା ବାଲ୍ୟ ବିବାହମୁକ୍ତ ଓଡ଼ିଶା ଗଠନ କରିବାକୁ ୨୦୧୯ରେ ନିଷ୍ପତ୍ତି ନିଆଯାଇଥିଲା। ୨୦୨୪ ସୁଦ୍ଧା ଏ ଦିଗରେ ୩୦ ପ୍ରତିଶତ ଲକ୍ଷ୍ୟ ହାସଲ ପାଇଁ ନିର୍ଦ୍ଦେଶ ରହିଥିବା ନେଇ ବୈଠକରେ ସୂଚନା ଦିଆଯାଇଥିଲା।

ଜିଲା ସଂଯୋଜକ ଅସିମ ଅମିତାଭ ଦାସ ଗତ ତିନିମାସର ବିବରଣୀ ଓ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ କରୋନା ସମୟରେ ଅଧାରୁ ପାଠ ଛାଡ଼ିଥିବା ଶିଶୁମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଶିଶୁମାନଙ୍କ ମଧ୍ୟରେ ପୁଣି ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲା ଶିଶୁ ମଙ୍ଗଳ ଅଧିକାରୀ ଡ. ସୁଦର୍ଶନ ବାରିକ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ କୁଶଳ ଚନ୍ଦ୍ର ନାଏକ, ଉପଜିଲାପାଳ ମନୋଜ ପାତ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଭଦ୍ରକ ସିଡିପିଓ ସୁନନ୍ଦା ଦାସ, ଜିଲା ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନା, ବାସୁଦେବପୁର ସିଡିପିଓ ସନ୍ଧ୍ୟାରାଣୀ ମଲ୍ଲିକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

## ମଧୁବାବୁ ଥିଲେ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ

**ବାଲେଶ୍ୱର ଅଫିସ, ୨୯।୪**

ବାଲେଶ୍ୱର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଉତ୍କଳ ଗୌରବ 'ମଧୁସୂଦନ ସାଂସ୍କୃତିକ ପରିଷଦ' ପକ୍ଷରୁ ମଧୁସୂଦନ ଜୟନ୍ତୀ ସମାରୋହ ଏବଂ ପରିଷଦର ବାର୍ଷିକୋତ୍ସବ ପାଳିତ ହୋଇଛି। ସଭାପତି ଲକ୍ଷ୍ମୀନାରାୟଣ ମହାନ୍ତି ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଆଇନଜୀବୀ ପୁରୁଷୋତ୍ତମ ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଉଚ୍ଚତମ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ, ମୁଖ୍ୟବକ୍ତା ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ ଏବଂ ସମ୍ମାନନୀୟ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇଥିଲେ। ମଧୁବାବୁ ଥିଲେ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ। ଆଇନଜୀବୀ ତୁଷାରକାନ୍ତି ମହାପାତ୍ର ମଞ୍ଚ ଆବାହନ ଓ ଆଇନଜୀବୀ ପ୍ରଜ୍ଞା ପାରମିତା ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଇନଜୀବୀ ଅଖିଳ ଦାସ, ଅବସରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ଭାବଗ୍ରାହ ମହାନ୍ତି, ରୋଟାରିୟାନ ଦେବେନ୍ଦ୍ର ନାଥ ଧଳ ଓ ଆଇନଜୀବୀ ସମରେନ୍ଦ୍ର ନାଥ ଦାସ ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କୁ ସମ୍ମାନ ପ୍ରଦାନ ନିମନ୍ତେ ମାନପତ୍ର ପାଠ କରିଥିଲେ। ଆଇନଜୀବୀ ସୂର୍ଯ୍ୟକାନ୍ତ କର ଧନ୍ୟବାଦ ଅର୍ପଣ କରିଥିଲେ।

# ରୌପ୍ୟ ତ୍ରିଭୁଜ ପର୍ଯ୍ୟଟନସ୍ଥଳର ମାନ୍ୟତା ଦାବି


ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକ।

**ବାଲେଶ୍ୱର ଅଫିସ, ୨୯।୪**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ଚଷାଖଣ୍ଡର ଦେଶୁଆଁ ପୋଖରୀରେ ସଂଗ୍ରାମୀ ବାଘାଯତୀନଙ୍କ ଶହୀଦସ୍ଥଳ ଓ ମେଦିନୀପୁରର ବିପ୍ଳବୀ ଜୟୀ ରାଜଗୁରୁଙ୍କ ଐତିହାସିକ ଫାଶି ଦିଆ ବରଗଛ ଏବଂ ସଦର ବ୍ଲକ କଉଡ଼ିପୁର ଗ୍ରାମରେ ୨୦୦ ବର୍ଷର ପୁରାତନ ଭିତ୍ତିଚିତ୍ରକୁ ନେଇ ନିର୍ମିତ ବିଶ୍ୱେଶ୍ୱର ଶିବ ମନ୍ଦିରକୁ ନେଇ ରୌପ୍ୟ ତ୍ରିଭୁଜ ପର୍ଯ୍ୟଟନସ୍ଥଳର ମାନ୍ୟତା ଦାବି କରାଯାଇଛି। ବିଶ୍ୱେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶିଳ୍ପୀ କେଶୁଦାସ ଓ ଅରୁଣ ବାରିକଙ୍କ ଆହ୍ୱାନ କ୍ରମେ ଏକ ବୈଠକ ଆୟୋଜିତ ହୋଇଥିଲା। ସ୍ଥାନୀୟ କଳା ସଂସ୍କୃତି ଐତିହ୍ୟପ୍ରେମୀ ସହ ଜନପ୍ରତିନିଧି ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ୩ଟି ଐତିହାସିକ ପର୍ଯ୍ୟଟନସ୍ଥଳୀକୁ ଲୋକଲୋଚନକୁ ଆଣିବା ସହ ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ବିଭିନ୍ନ ପନ୍ଥା ଗହଣ କରାଯାଇଛି। ଏଥିସହିତ ରୌପ୍ୟ ତ୍ରିଭୁଜ ପର୍ଯ୍ୟଟନସ୍ଥଳର ଦାବି ପାଇଁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗକୁ ଲିଖିତ ଆବେଦନ କରାଯିବା ବୈଠକରେ ନିଷ୍ପତ୍ତି ନିଆଯାଇଛି। କଳା ସଂରକ୍ଷକ ପ୍ରତାପ ଚାନ୍ଦ ଓ ବର୍ଷା ବର୍ଣ୍ଣାଳୀ ଦାସ ଯୋଗଦେଇ କଉଡ଼ିପୁର ଶିବ ମନ୍ଦିରର ୨୦୦ ବର୍ଷର ପୁରାତନ ଅନନ୍ୟ ଓ ବିରଳ ଭିତ୍ତିଚିତ୍ରକୁ ପରୀକ୍ଷା ନିରୀକ୍ଷା କରି ସଂରକ୍ଷଣ ଉପରେ ବିଭିନ୍ନ ଉପାୟମାନ ଆଲୋଚନା କରିଥିଲେ।

## ଧର୍ମ ପରିବର୍ତ୍ତନ ଲାଗି ପ୍ରବର୍ତ୍ତାଇ ୨ ମହିଳା ଗିରଫ

**ବୈଶିଙ୍ଗା,୨୯।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ବିଶ୍ରାମପୁର ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଧର୍ମ ପରିବର୍ତ୍ତନ ଲାଗି ପ୍ରବର୍ତ୍ତାଇବା ଅଭିଯୋଗରେ ପୋଲିସ ଦୁଇ ମହିଳାଙ୍କୁ ଗିରଫ କରିଛି। ସେମାନେ ହେଲେ ଗରଡ଼ାଶୋଳ ଗ୍ରାମର ଜିତୁ ସିଂଙ୍କ ସ୍ତ୍ରୀ ସୁମତୀ ଓ ଜିତେନ୍ଦ୍ର ସିଂଙ୍କ ସ୍ତ୍ରୀ ଗୌରୀ। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ.୧୧୮/୨୨) ରୁଜୁ କରି ଶୁକ୍ରବାର ଉଭୟଙ୍କୁ କୋର୍ଟ ଚାଲାଣ କରିଛି।

ସୂଚନା ଅନୁଯାୟୀ, ବିଶ୍ରାମପୁର ଗ୍ରାମର ପର୍ଶୁରାମ ଦାସ ପକ୍ଷାଘାତ ରୋଗରେ ପୀଡ଼ିତ ଅଛନ୍ତି। ଗୁରୁବାର ମଧାହ୍ନ ୧୨ଟା ସମୟରେ ସୁମତୀ ଓ ଗୌରୀ ତାଙ୍କ ଘରେ ପହଞ୍ଚି ଏକ ନିର୍ଦ୍ଦିଷ୍ଟ ଧର୍ମର ପୁସ୍ତକ ତାଙ୍କୁ ଦେଇଥିଲେ। ଧର୍ମ ପରିବର୍ତ୍ତନ କଲେ ପକ୍ଷାଘାତ ରୋଗ ଭଲ ହୋଇଯିବ ବୋଲି ପ୍ରବର୍ତ୍ତାଇ ଥିଲେ। ଏହି ସମୟରେ ପର୍ଶୁରାମଙ୍କ ପୁଅ କଳ୍ପତରୁ ସେଠାରେ ପହଞ୍ଚି ସବୁ କଥା ଜାଣିଲା ପରେ ଗ୍ରାମବାସୀଙ୍କୁ ଡାକିଥିଲେ। ମହିଳା ଦ୍ୱୟଙ୍କୁ ପଚରାଉଚରା କରିବାରୁ ସେମାନେ ଗ୍ରାମବାସୀଙ୍କ ଆଗରେ ସତ କଥା ମାନିଥିଲେ। ପରେ ଗ୍ରାମବାସୀ ଉକ୍ତ ମହିଳା ଦ୍ୱୟଙ୍କୁ ପୋଲିସ ଜିମା ଦେଇଥିଲେ। ଅଞ୍ଚଳର ବିଭିନ୍ନ ଗ୍ରାମରେ ଲୋକଙ୍କୁ ଏହି ଭଳି ପ୍ରଲୋଭନ ଦେଖାଇ ଧର୍ମ ପରିବର୍ତ୍ତନ କରାଯାଉଥିବାରୁ ପ୍ରଶାସନ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## କଲ୍ୟାଣମଣ୍ଡପ ଶିଳାନ୍ୟାସ କଲେ ମନ୍ତ୍ରୀ


ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଦ୍ୱାରା କଲ୍ୟାଣମଣ୍ଡପ ଶିଳାନ୍ୟାସ କରାଯାଉଛି।

**ସିମୁଳିଆ, ୨୯।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମଇତାପୁର ପଞ୍ଚାୟତର ରାମବିନ୍ଧା ଜଗନ୍ନାଥ ମନ୍ଦିର ନିକଟରେ ଶୁକ୍ରବାର ଚତୁର୍ଥ ରାଜ୍ୟ ଅର୍ଥ କମିଶନ ଅନୁଦାନ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା କଲ୍ୟାଣ ମଣ୍ଡପର ଶିଳାନ୍ୟାସ ହୋଇଛି । ମୁଖ୍ୟଅତିଥି ରୂପେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏହି ଉତ୍ସବରେ ଯୋଗ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ମଇତାପୁର ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଶତାଧିକ ମହିଳା, କର୍ମୀ ଓ ସମର୍ଥକମାନେ ତାଙ୍କୁ ଫୁଲ ହାର ପିନ୍ଧାଇ ସ୍ୱାଗତ ଜଣାଇଥିଲେ। ପରେ ଶିଳାନ୍ୟାସ ଅବସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଏମ୍‌ପି ପ୍ରତିନିଧି କ୍ଷୀତିଶ କୁମାର ମହାନ୍ତି, ବାଉରିପଦା ପଞ୍ଚାୟତ ସମିତିସଭ୍ୟ ଗଜେନ୍ଦ୍ର ସେଠୀ, ସ୍ଥାନୀୟ ସରପଞ୍ଚ ମନୋରମା ବେହେରା, ବାବାଜୀ ଶିଆଳ, ପୂର୍ଣ୍ଣଚନ୍ଦ୍ର ନାୟକ, ଜୟନ୍ତ ନାୟକ ପ୍ରମୁଖ ଥିଲେ ।

# ବିଦ୍ୟାଳୟ ଭିତ୍ତିଭୂମି ବିକାଶ ପାଇଁ କ୍ଷେତ୍ର ପରିଦର୍ଶନ

**ପଦ୍ମପୁର, ୨୯।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ପଦ୍ମପୁର ପଞ୍ଚାୟତର ମାଳତୀ ଦେବୀ ଉଚ୍ଚ ବାଳିକା ବିଦ୍ୟାଳୟର ଭିତିଭୂମି ବିକାଶ ପାଇଁ ସରପଞ୍ଚ ରାଜେନ୍ଦ୍ର ନାରାୟଣ ନାୟକ କ୍ଷେତ୍ର ପରିଦର୍ଶନ କରିଛନ୍ତି। ୧୯୮୫ରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟ ଶ୍ରେଣୀଗୃହର ଆଜ୍‌ବେଷ୍ଟସ ଭାଙ୍ଗି ଯାଇଥିବାରୁ ବର୍ଷାଦିନେ ପାଣି ଗଳୁଛି। ୧୬୦ ଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଶିକ୍ଷା ବିଭାଗ ଦ୍ୱାରା ଏ ଗ୍ରେଡ୍ ବିଦ୍ୟାଳୟ ମାନ୍ୟତା ପାଇଛି। ହେଲେ ପୂର୍ଣ୍ଣ ଅନୁଦାନ ପାଇ ନ ଥିବାରୁ ଭିତ୍ତିଭୂମିର ବିକାଶ ହୋଇପାରୁ ନାହିଁ। ଛାତ୍ରୀମାନଙ୍କ ପାଇଁ ସାଇକେଲ ଷ୍ଟାଣ୍ଡ, ପଞ୍ଚାୟତ ପାଣ୍ଠିରୁ ଏକ ନଳକୂପ ଖନନ ଓ ବର୍ଷାଦିନ ପୂର୍ବରୁ ଶ୍ରେଣୀଗୃହ ମରାମତି କରାଯିବ ବୋଲି ସରପଞ୍ଚ ନାୟକ ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତି ନାୟକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ବିଦ୍ୟାଳୟ ପରିଦର୍ଶନ ବେଳେ ସରପଞ୍ଚଙ୍କ ସହ ସାମାଜିକ କର୍ମୀ ଅଶୋକ କୁମାର ନାୟକ ଉପସ୍ଥିତ ଥିଲେ।

# ଚାଷୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ଦାବିପତ୍ର

**କେନ୍ଦୁଝର,୨୯।୪ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ମଡେଲ ମଣ୍ଡି, ବହୁମୁଖୀ ଗୋଦାମ ନିର୍ମାଣ ତଥା ଉଠା, କ୍ଷୁଦ୍ର, ମଧ୍ୟମ ଜଳସେଚନ ପ୍ରକଳ୍ପରେ ଖରାଟିଆ ଚାଷ କରୁଥିବା ଚାଷୀଙ୍କ ଠାରୁ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ କିଣିବା ଏବଂ ଖରିଫ୍ ଋତୁରେ ଟୋକନ ଲାପ୍ସ ଯୋଗୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଆଦି ଦାବିରେ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଜିଲା ସଭାପତି ଅନନ୍ତ ସାହୁଙ୍କ ନେତୃତ୍ୱରେ ଏକ ଦଳ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ରାଧାକାନ୍ତ ମହାନ୍ତ ଉପସ୍ଥିତ ଥିଲେ।

ସରକାର ରାଜ୍ୟରେ ୫୨ଟି ମଡେଲ ମଣ୍ଡି ଓ ୧୨୮ ବହୁମୁଖୀ ଗୋଦାମ ଘର ନିର୍ମାଣ ନିମନ୍ତେ ଘୋଷଣା କରିଥିବା ବେଳେ କେନ୍ଦୁଝର ଜିଲାକୁ ବାଦ ଦିଆଯାଇଛି। ଏଣୁ ଜିଲାରେ ମଣ୍ଡି ଓ ଗୋଦାମ ଘର ନିର୍ମାଣ ନିମନ୍ତେ ଘୋଷଣା କରିବାକୁ ଦାବି କରିଛନ୍ତି। ଜିଲାରେ ୫୬୦୮୭ ଜଣ ଚାଷୀ ପଞ୍ଜୀକରଣ ହୋଇଥିବା ବେଳେ ୪୫,୨୦୫ ଜଣ ଚାଷୀ ଧାନ ବିକି ପାରିଛନ୍ତି। ଅବଶିଷ୍ଟ ୧୦,୮୮୨ ଜଣ ଚାଷୀ ଧାନ ବିକିପାରିନାହାନ୍ତି। ସେହିପରି ୫୩୦୮ ଜଣ ଚାଷୀଙ୍କ ଟୋକନ ଲାପ୍ସ ହୋଇଛି, ଯାହାକୁ ନେଇ ଦଳ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବହୁ ଚାଷୀ ଏପର୍ଯ୍ୟନ୍ତ ବିକ୍ରି କରିଥିବା ଧାନର ପଇସା ପାଇ ନ ଥିବା, ଅଖାବସ୍ତା ବାବଦକୁ ପଇସା ପାଇ ନ ଥିବା କହିଛନ୍ତି। ସେହିପରି ଜିଲାରେ ଥିବା ଧାନ କିଣା କମିଟି ଠିକ ଭାବେ କାମ କରୁ ନ ଥିବା ଫଳରେ ଚାଷୀଙ୍କ ଟୋକନ ଲାପ୍ସ ହେଉଥିବା ଅଭିଯୋଗ କରିଛନ୍ତି। ଏଣୁ ସେଭଳି ଚାଷୀଙ୍କ ଧାନ କିଣିବା ବ୍ୟବସ୍ଥା କରିବା ସହ ଆଗାମୀ ଦିନରେ ୫୦ ଲକ୍ଷ କୁଇଣ୍ଟାଲ ଧାନ କିଣିବା ଲକ୍ଷ୍ୟ ରଖିବାକୁ ଦାବି କରିଛନ୍ତି। ଜିଲାର ପ୍ରମୁଖ କ୍ଷୁଦ୍ର ଓ ମଧ୍ୟମ ଜଳସେଚନ ପ୍ରକଳ୍ପ, ଉଠା ଜଳସେଚନ, ଗଭୀର ନଳକୂପ ଆଦି ପ୍ରକଳ୍ପ ଗୁଡିକର ଉନ୍ନତିକରଣ କରିବା ସହ ପୂର୍ଣ୍ଣକାର୍ଯ୍ୟକ୍ଷମ କରି ଖରାଟିଆ ରବି ଚାଷ ଉପଯୋଗୀ କରିବା ଆଦି ଦାବି କରିଛନ୍ତି। ଏନେଇ ଆଗାମୀ ଦିନରେ ଏହି ସବୁ ଦାବି ନେଇ ଚାଷୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଏସ୍‌ପି ଅଫିସ୍ ଆଗରେ ପରିବାର ସହ ହୋମ୍‌ଗାର୍ଡଙ୍କ ଅନଶନ

**ବାଲେଶ୍ୱର ଅଫିସ, ୨୯।୪**


ଏସ୍‌ପି ଅଫିସ୍ ସମ୍ମୁଖରେ ହୋମ୍‌ଗାର୍ଡ଼ ଓ ପରିବାର।

ବାଲେଶ୍ୱର ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କ ଅଫିସ୍ ସମ୍ମୁଖରେ ରାଇବଣିଆ ଥାନା ହୋମ୍‌ଗାର୍ଡ଼-୫୩୮ ସଞ୍ଜୟ କୁମାର ଜେନା ନିଜ ପରିବାର ସହ ଶୁକ୍ରବାର ଆମରଣ ଅନଶନରେ ବସିଛନ୍ତି। ଅସହ୍ୟ ତାତିକୁ ଖାତିର୍ ନ କରି ହୋମ୍‌ଗାର୍ଡ଼ ଜେନାଙ୍କ ସହ ତାଙ୍କ ସ୍ତ୍ରୀ ରଶ୍ମିରେଖା, ୪ବର୍ଷର ଶିଶୁକନ୍ୟା ସାଥିରେ ବସି ରହିଛନ୍ତି। ଖବରପାଇ ଏସ୍‌ପି ଅଫିସ୍‌ରେ କାର୍ଯ୍ୟରତ ହାବିଲଦାର ନିମାଇଁ ଚରଣ ପ୍ରଧାନ ତାଙ୍କୁ ଏସ୍‌ପିଙ୍କ ସହ କଥାବାର୍ତ୍ତା କରି ପୁନଃ ନିଯୁକ୍ତି କରାଇଦେବାର ପ୍ରତିଶ୍ରୁତି ଦେଇ ଅଫିସ୍‌କୁ ଡାକି ନେଇଥିଲେ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କୌଣସି ଉପରିସ୍ଥ ଅଧିକାରୀ ଆଲୋଚନା ନ କରିବାରୁ ପୁଣି ଅପରାହ୍ନ ୩ଟା ୩୦ମିନିଟ୍‌ରୁ ସେ ଅନଶନରେ ବସିଛନ୍ତି।

ହୋମ୍‌ଗାର୍ଡ଼ ଜେନା ରାଇବଣିଆ ଥାନାରେ କମ୍ପ୍ୟୁଟର ଅପରେଟର ଭାବେ ୮ ବର୍ଷ ଧରି କାର୍ଯ୍ୟ କରୁଥିଲେ। ଗତ ୨୦୨୧ ଜାନୁୟାରୀ ୧୬ତାରିଖ ଅପରାହ୍ନ ୨ଟାରେ ଥାନାରେ କାର୍ଯ୍ୟରତ ଥିବା ବେଳେ ଥାନା ଡ୍ରାଇଭର ହୋମ୍‌ଗାର୍ଡ଼-୨୨୯ କୁଶେଶ୍ୱର ମହନ୍ତଙ୍କ ମଧ୍ୟରେ କୌଣସି କଥାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଥାନା ପ୍ରାଙ୍ଗଣରେ ବସିଥିବା ଜଣେ ମହିଳା କନଷ୍ଟେବଳ ଘଟଣାସ୍ଥଳକୁ ଆସି ଗଣ୍ଡଗୋଳ ବନ୍ଦ କରିବା ପାଇଁ କହିଥିଲେ। ଏହାକୁ ନେଇ ମହିଳା କନଷ୍ଟେବଳ ଏବଂ ହୋମ୍‌ଗାର୍ଡ଼ ଜେନାଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ମହିଳା କନଷ୍ଟେବଳଙ୍କ ଅଭିଯୋଗ ଅନୁଯାୟୀ ହୋମ୍‌ଗାର୍ଡ଼ ଜେନାଙ୍କ ବିରୋଧରେ ରାଇବଣିଆ ଥାନାରେ ମାମଲା (ନଂ. ୭/୨୧) ଏବଂ ଜେନାଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ମହିଳା କନଷ୍ଟେବଳଙ୍କ ନାଁରେ ଉକ୍ତ ଥାନାରେ ମାମଲା (ନଂ. ୬/୨୧) ରୁଜୁ କରାଯାଇଥିଲା। ଏହି ଘଟଣା ଏସ୍‌ପିଙ୍କ ନଜରକୁ ଆସିବା ପରେ ଦୁଇଜଣ ହୋମ୍‌ଗାର୍ଡ଼ଙ୍କୁ ନିଲମ୍ବିତ କରିବା ସହ ମହିଳା କନଷ୍ଟେବଳଙ୍କୁ ଜିଲା ହେଡ୍‌କ୍ୱାର୍ଟର୍ସକୁ ସ୍ଥାନାନ୍ତର କରିଥିଲେ। ଇତିମଧ୍ୟରେ ମହିଳା କନଷ୍ଟେବଳ ଜଣକ ଚାନ୍ଦିପୁର ଥାନା ଅଧୀନ କାର୍ଯ୍ୟରେ ଯୋଗଦେଇଛନ୍ତି। ହୋମ୍‌ଗାର୍ଡ଼ ମହନ୍ତ ମଧ୍ୟ ପୁନଃ ନିଯୁକ୍ତି ପାଇସାରିଛନ୍ତି। ହୋମ୍‌ଗାର୍ଡ଼ ଜେନା ଅଦ୍ୟାବଧି ନିଯୁକ୍ତି ପାଇନାହାନ୍ତି। ସେ ବହୁବାର ଉପରିସ୍ଥ ଅଧିକାରୀଙ୍କ ସହ ଏସ୍‌ପିଙ୍କୁ ସାକ୍ଷାତ୍ କରି ନିବେଦନ କରିଛନ୍ତି। କୌଣସି ଅଧିକାରୀ ତାଙ୍କ ଗୁହାରୀକୁ ଗୁରୁତ୍ୱ ନ ଦେବାରୁ ତାଙ୍କର ପରିବାର ଭୋକ ଉପାସରେ ସମୟ ବିତାଉଛନ୍ତି। ଶେଷରେ ନିଜ ପରିବାରକୁ ଧରି ଶୁକ୍ରବାରଠାରୁ ଏସ୍‌ପିଙ୍କ ଅଫିସ୍ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି।

ହୋମ୍‌ଗାର୍ଡ଼ ଜେନା କୁହନ୍ତି, ମାମଲା ରୁଜୁ ହେବାର ୧୫ଦିନ ଭିତରେ ହାଇକୋର୍ଟରୁ ଜାମିନ ହେବା ସହ ଚାର୍ଜସିଟ୍ କୋର୍ଟରେ ଦାଖଲ କରାଯାଇଛି। ଅଭିଯୋଗ କରିଥିବା ମହିଳା କନଷ୍ଟେବଳ କୋର୍ଟକୁ ନ ଆସିବା କାରଣରୁ ମାମଲା ପଡ଼ିରହିଛି। ଅନ୍ୟପଟରେ ୧ବର୍ଷ ଧରି ଜିଲା ପୋଲିସ ପ୍ରଶାସନ ପକ୍ଷରୁ ନିଲମ୍ବନ ପ୍ରତ୍ୟାହାର ନ ହେବାରୁ ବହୁ ଦୁଃଖକଷ୍ଟରେ ପରିବାର ଭରଣପୋଷଣ କରୁଛି। ଉପାୟ ନ ପାଇ ପରିବାର ସହ ଏସ୍‌ପିଙ୍କ ଅଫିସ୍ ସମ୍ମୁଖରେ ଆମରଣ ଅନଶନରେ ବସିଛି।

ଡିଏସ୍‌ପି ବ୍ରଜେଶ୍ୱରୀ ବଳ କହନ୍ତି, ଜଣେ ମହିଳା କନଷ୍ଟେବଳଙ୍କ ପ୍ରତି ଦୁର୍ବ୍ୟବହାର ଏବଂ ହାତ ଉଠାଇ ମାଡ଼ ମାରିଥିବାରୁ ହୋମ୍‌ଗାର୍ଡ଼ ଜେନାଙ୍କ ଉପରେ ଏକ ଅପରାଧିକ ମାମଲା ରୁଜୁ ହୋଇଛି। ମାମଲା କୋର୍ଟରେ ବିଚାରାଧୀନ ରହିଥିବାରୁ ତାଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରାଯାଇନାହିଁ।

## ସଂକ୍ଷେପରେ

### ୧୫୧ ପରୀକ୍ଷାର୍ଥୀ ପରୀକ୍ଷା ଦେଲେନି

କୁଆମରା,୨୯।୪(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ ୭ଟି କେନ୍ଦ୍ରରେ ୧୨୮୯ ମାଟ୍ରିକ୍ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ବିଭିନ୍ନ କେନ୍ଦ୍ରରେ ମୋଟ ୧୫୧ଜଣ ପରୀକ୍ଷା ଦେଇ ନ ଥିବା ଜଣାପଡ଼ିଛି। ସେଥି ମଧ୍ୟରୁ ଟିକାୟତପୁର ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୮, ଖୁଣ୍ଟା ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୫, କୁଆମରା ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୯, କୁଶଳଦା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨୧, କୁଆମରା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨୫, ଖୁଣ୍ଟା ହାଇସ୍କୁଲ କେନ୍ଦ୍ରରେ ୩୯ ଓ ପୁରୁଣା ବାରିପଦା ରିଜିଓନାଲ ଏକାଡେମୀ କେନ୍ଦ୍ରରେ ୨୪ ଜଣ ଅନୁପସ୍ଥିତ ଥିବା ସୂଚନା ମିଳିଛି।

### ୧୦ କେନ୍ଦ୍ରରେ ୧୧୬ ପରୀକ୍ଷାର୍ଥୀ ଅନୁପସ୍ଥିତ

ସିମୁଳିଆ, ୨୯।୪(ଡି.ଏନ.ଏ.)-ଦଶମଶ୍ରେଣୀ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ୧୦ କେନ୍ଦ୍ରରେ ମୋଟ ୨୫ ହାଇସ୍କୁଲର ୧୬୮୩ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଥିବା ବେଳେ ବିଭିନ୍ନ କେନ୍ଦ୍ରରେ ୧୦୯ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି। ସେଥିମଧ୍ୟରେ ବରୀ ହାଇସ୍କୁଲ କେନ୍ଦ୍ରରେ ୧୨୬ଜଣ ପରୀକ୍ଷାର୍ଥୀମାନଙ୍କ ମଧ୍ୟରୁ ୮ଜଣ ଅନୁପସ୍ଥିତ ରହିଥିବାରୁ ୧୧୮ଜଣ ପରୀକ୍ଷା ଦେଇଛନ୍ତି। ବାଲିଖଣ୍ଡ କେନ୍ଦ୍ରରେ ୨୨୬ରୁ ୧୭ଜଣ, ରଘୁନାରାୟଣ କେନ୍ଦ୍ରରେ ୨୪୦ରୁ ୧୦ଜଣ, ଭାରତ ସେବାନିଧି କେନ୍ଦ୍ରରେ ୧୪୮ରୁ ୨୮ଜଣ, ଉପେନ୍ଦ୍ରନାଥ ଏକାଡେମୀ କେନ୍ଦ୍ରରେ ୧୩ଜଣ, ଦାମୋଦର ହାଇସ୍କୁଲ କେନ୍ଦ୍ରରେ ୧୬୦ରୁ ୮ଜଣ, ମହମ୍ମଦପୁରରେ ୧୩୯ରୁ ୫ଜଣ, କାଞ୍ଚନ କମଳାରେ ୧୪୯ରୁ ୨ଜଣ, ବଳଦେବଜୀଉରେ ୧୫୫ରୁ ୧୮ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ବେଳେ ଦଶଭୁଜା କେନ୍ଦ୍ରରେ ୧୧୧ଜଣ ପରୀକ୍ଷା ଦେଇଥିଲେ। ରଘୁନାରାୟଣ କେନ୍ଦ୍ରରେ ୪ଟି ସଂସ୍କୃତ ବିଦ୍ୟାଳୟର ୬୨ଜଣ ପରୀକ୍ଷା ଦେବାପାଇଁ ଥିବାବେଳେ ୭ଜଣ ଅନୁପସ୍ଥିତ ଥିବାରୁ ୫୫ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି।

# ଉତ୍ସାହ ବଢ଼ାଇଛି ଅଫ୍‌ଲାଇନ ପରୀକ୍ଷା


ଅଡ଼ାଳପଙ୍କସ୍ଥିତ କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟ ଫାଟକ ସମ୍ମୁଖରେ ପରୀକ୍ଷାର୍ଥୀମାନଙ୍କୁ ଯାଞ୍ଚ କରାଯାଉଛି।


" ଅଫ୍‌ଲାଇନରେ ପରୀକ୍ଷା ହୋଇଥିବାରୁ ବହୁତ ଖୁସି। ଆଜିର ପରୀକ୍ଷା ବହୁତ ଭଲ ହୋଇଛି। ଆଶା କରୁଛି ସବୁ ବିଷୟରେ ପରୀକ୍ଷା ଭଲ ହେବ।

**-ଶ୍ରଦ୍ଧାଞ୍ଜଳି ବେହେରା,**
ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭଦ୍ରକ।


" ପରୀକ୍ଷା ପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଥିଲି। ଅନ୍‌ଲାଇନରେ କ୍ଲାସ ହୋଇଥିବା ବେଳେ ସବୁ କୋର୍ସ ପଢ଼ା ସରିଥିଲା। ଆଜି ଇଂଲିଶରେ ବହୁତ ଭଲ ହୋଇଛି।

**-ସ୍ୱାଧୀନ କୁମାର ଜେନା,**
ପୁରୁଷୋତ୍ତମ ନୋଡାଲ ଉଚ୍ଚ ବିଦ୍ୟାଳୟ, ସରମରା, ଭଦ୍ରକ।


" ଆଜିର ପରୀକ୍ଷା ଖୁବ୍ ଭଲ ହୋଇଛି। ପରୀକ୍ଷା ପାଇଁ ୧୨ଘଣ୍ଟା ପରିଶ୍ରମ କରୁଛି। ପରୀକ୍ଷାଫଳ ଭଲ ହେବ ବୋଲି ଆଶା ରଖିଛି।

**-ଅନୀଶା କାଦ୍ରୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଭଦ୍ରକ।**

ଭଦ୍ରକ ଅଫିସ,୨୯।୪

- **ପରୀକ୍ଷା ଦେଲେ ୨୧,୩୨୯, ଅନୁପସ୍ଥିତ ୧୭୪୮**
- **ଚାନ୍ଦବାଲିରେ କପି କରି ଧରାପଡ଼ିଲେ ୨ ପରୀକ୍ଷାର୍ଥୀ**

ମାଟ୍ରିକ୍ ପରୀକ୍ଷା (ସମେଟିଭ ଆସେସମେଣ୍ଟ-୨) ଶୁକ୍ରବାରଠାରୁ ଆରମ୍ଭ ହୋଇଛି। କୋଭିଡ୍ କଟକଣା ଯୋଗୁ ଦୁଇବର୍ଷ ପରେ ଅଫ୍‌ଲାଇନରେ ପରୀକ୍ଷା ହୋଇଥିବାରୁ ଭଦ୍ରକ ଜିଲାରେ ପରୀକ୍ଷାର୍ଥୀମାନଙ୍କ ମନରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଅନ୍‌ଲାଇନ କିମ୍ବା ଅଫ୍‌ଲାଇନରେ ପରୀକ୍ଷା ହେବ ଛାତ୍ରୀଛାତ୍ର ଦ୍ୱନ୍ଦ୍ୱରେ ଥିଲେ। ଅଫ୍‌ଲାଇନରେ ପରୀକ୍ଷା ହେବ ଜାଣିବା ପରେ ସେମାନେ ପ୍ରସ୍ତୁତ ହୋଇଥିଲେ। ଶୁକ୍ରବାର ପ୍ରଥମ ଦିନ ଇଂଲିଶ ବିଷୟରେ ପରୀକ୍ଷା ଦେଇଥିବା ବେଳେ ପ୍ରଶ୍ନ ସହଜ ଥିଲା ଏବଂ ଆଶାତୀତ ଭଲ କରିଥିବା କେତେକ ଛାତ୍ରୀଛାତ୍ର ପ୍ରକାଶ କରିଛନ୍ତି। ଗତଥର କୋଭିଡ୍ ପାଇଁ ପରୀକ୍ଷା କରା ନ ଯାଇ ପୂର୍ବ ପରୀକ୍ଷାର ମାର୍କ ଅନୁଯାୟୀ ଗ୍ରେଡେଶନ କରାଯାଇଥିଲା। ଫଳରେ ମେଧାବୀ ଛାତ୍ରୀଛାତ୍ର ହତୋତ୍ସାହିତ ହୋଇଥିଲେ। ଚଳିତବର୍ଷ ଅଫ୍‌ଲାଇନ ପରୀକ୍ଷା ହେବାରୁ ମେଧାବୀ ପିଲାମାନଙ୍କ ମଧ୍ୟରେ ଆଗ୍ରହ ବଢ଼ିବା ସହ ଭଲ ନମ୍ବର ରଖିବେ ବୋଲି ଆଶା ବାନ୍ଧିଛନ୍ତି। ଜିଲାରେ ୩୧୭ ସ୍କୁଲର ୨୩,୦୭୭ ପରୀକ୍ଷାର୍ଥୀ ୧୨୪ କେନ୍ଦ୍ରରେ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଛି। ମୋଟ ୨୩,୦୭୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୧,୩୨୯ ଜଣ ପରୀକ୍ଷା ଦେଇଛନ୍ତି। ପ୍ରଥମ ଦିନରେ ୧୭୪୮ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି। ମଧ୍ୟମାରେ ୪୧୦ ଜଣଙ୍କ ମଧ୍ୟରୁ ୩୫୩ ଜଣ ପରୀକ୍ଷା ଦେଇଥିବା ବେଳେ ୫୭ ଅନୁପସ୍ଥିତ ଥିଲେ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟର ୧୨୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୪ଜଣ ପରୀକ୍ଷା ଦେଇଥିବା ବେଳେ ୨୯ ଅନୁପସ୍ଥିତ ରହିଥିଲେ। ଚାନ୍ଦବାଲି ବ୍ଲକର ଏକ ପରୀକ୍ଷା କେନ୍ଦ୍ରରେ ଦୁଇ ପରୀକ୍ଷାର୍ଥୀ କପି କରି ଧରାପଡ଼ିଥିବା ସୂଚନା ମିଳିଛି।

# ମଧ୍ୟାହ୍ନଭୋଜନ ନୋଡାଲ ଆକାଉଣ୍ଟ ପରିଚାଳନା ସମ୍ପର୍କିତ ଆଲୋଚନା

ଭଦ୍ରକ ଅଫିସ, ୨୯।୪

ଭଦ୍ରକ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ମଧ୍ୟାହ୍ନଭୋଜନ ସିଙ୍ଗଲ ନୋଡାଲ ଆକାଉଣ୍ଟ ପରିଚାଳନା ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଚିଫ୍ ମ୍ୟାନେଜର ପ୍ରତାପ ବୈରୀଗଞ୍ଜନ, ବାଲେଶ୍ୱର ସର୍କଲ ଚିଫ୍ ମ୍ୟାନେଜର ମୃଣାଳ ମହାନ୍ତି, ଭଦ୍ରକ ଶାଖାର ସିନିୟର ମ୍ୟାନେଜର ଜିତେନ୍ଦ୍ର କୁମାର ପରିଡ଼ାଙ୍କ ସହ ଶିକ୍ଷକ ସଂଘର ନେତୃତ୍ୱ ବୈଠକରେ ଯୋଗ ଦେଇଥିଲେ। ଜିଲାର ସମସ୍ତ ବ୍ଲକରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଶାଖା ନ ଥିବାରୁ ସମସ୍ୟା ସୃଷ୍ଟି ହେଉଛି। ଯେଉଁଠାରେ ବ୍ୟାଙ୍କ ଶାଖା ନାହିଁ ସେଠାରେ କ୍ଲଷ୍ଟର ପଏଣ୍ଟରେ ସେବା ଯୋଗାଇ ଦେବାକୁ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଂଯୋଜିକା ଚାରୁଲତା ମହାପାତ୍ର ଦାବି କରିଥିଲେ। ବ୍ଲକରେ ସର୍ଭିସ ସେଣ୍ଟର ଖୋଲି ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପୂର୍ଣ୍ଣ ସହଯୋଗ କରିବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ବନ୍ତ ବ୍ଲକର ଆଗରପଡ଼ା ଓ କେନ୍ଦୁଆପଦା, ତିହିଡ଼ି ବ୍ଲକର ପୀରହାଟ ଓ ତିହିଡ଼ି, ଚାନ୍ଦବାଲି, ଧାମନଗର, ବାସୁଦେବପୁର ବ୍ଲକର କମାରଗାଁ, ଭଣ୍ଡାରିପୋଖରୀ ବ୍ଲକର ଭଣ୍ଡାରିପୋଖରୀ ଓ ମଞ୍ଜୁରୀରୋଡଠାରେ ସର୍ଭିସ ସେଣ୍ଟର ଖୋଲାଯିବାକୁ ସ୍ଥିର କରାଯାଇଥିଲା। ଓଷ୍ଟାର ଜିଲା ସମ୍ପାଦକ ପ୍ରଦୀପ୍ତ ଦାସ, ସଭାପତି ଭାସ୍କର ଚନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ଗିରିଧାରୀ ଚାନ୍ଦଙ୍କ ସହ ସମସ୍ତ ବ୍ଲକର ସମ୍ପାଦକ ବୈଠକରେ ଉପସ୍ଥିତ ଥିଲେ।

**ଖୋଲାଯିବ ସର୍ଭିସ୍ ସେଣ୍ଟର**

# ଗ୍ରୀଷ୍ମ ପ୍ରବାହକୁ ବିଜୁଳି କାଟ

ବୈଶିଙ୍ଗା,୨୯।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଅଞ୍ଚଳରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ସାଧାରଣ ଜୀବନ ଯାତ୍ରା ପ୍ରଭାବିତ ହୋଇଛି। ଦିନ ୧୦ଟା ପରେ ଲୋକେ ବାହାରକୁ ବାହାରି ପାରୁନାହାନ୍ତି। ବର୍ଷା ଅଭାବରୁ ବିଭିନ୍ନ ସ୍ଥାନରେ ଜଳକଷ୍ଟ ସମସ୍ୟା ଦେଖାଦେଇଛି। ନଦୀ ନାଳ, ଛୋଟ ବଡ଼ ପୋଖରୀ ଗୁଡ଼ିକ ଶୁଖି ଯିବା ଯୋଗୁ ବୁଲା ଗୋରୁ ଗାଈ , କୁକୁର ଛେଳି ଆଦି ପଶୁପକ୍ଷୀଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି। ଏହାବ୍ୟତୀତ ପୋଖରୀ ପାଣିକୁ ବ୍ୟବହାର କରି ଯେଉଁ ଚାଷୀମାନେ ଚାଷ କାର୍ଯ୍ୟ ଉପରେ ଭରସା କରିଥାଆନ୍ତି ସେମାନଙ୍କୁ ମଧ ବହୁ କଷ୍ଟ ସ୍ୱୀକାର କରିବାକୁ ପଡୁଛି। ଭୂତଳ ଜଳସ୍ତର ହ୍ରାସ ପାଇବାରୁ ଅଧିକାଂଶ ନଳକୂଅ ଓ ଜଳସେଚନ ପ୍ରକଳ୍ପ ଏବେ ଅଚଳ ହୋଇ ପଡ଼ିଛି। ଏ ସବୁ କଷ୍ଟକୁ ବଳି ପଡ଼ିଛି ଘନ ଘନ ବିଜୁଳିକାଟ୍। ସରକାର ଶକ୍ତି ପରିଚାଳନା କ୍ଷେତ୍ରରେ ସୁଧାର ଆଣିବା ପାଇଁ ଟାଟା ପାୱାରକୁ ଦାୟିତ୍ୱ ଦେଇଥିବା ବେଳେ ଏହି ସଂସ୍ଥା କିନ୍ତୁ ବିତରଣକୁ ଗୁରୁତ୍ୱ ଦେବା ବଦଳରେ ଶୁଳ୍କ ଆଦାୟରେ ବ୍ୟସ୍ତ ରହୁଛି। ଯାହା ଫଳରେ ବିନା ସୂଚନାରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ ହେବା ଯୋଗୁ ଜନସାଧାରଣ ପାଣି ଓ ପବନ ଟିକିଏ ପାଇ ପାରୁନାହାନ୍ତି। ଏହି ଗ୍ରୀଷ୍ମ ପ୍ରବାହକୁ ଲକ୍ଷ୍ୟ କରି ବିଭିନ୍ନ ସ୍ଥାନରେ ଜଳଛତ୍ର ମାନ ଖୋଲାଯାଇଛି। ପ୍ରଚଣ୍ଡ ରୌଦ୍ର ତାପ ପାଇଁ ସରକାର ବିଦ୍ୟୁତ୍ କାଟ ନ କରିବାକୁ ଘୋଷଣା କରିଥିବା ବେଳେ ବିତରଣ କମ୍ପାନୀମାନେ ଏଥିପ୍ରତି ସାମାନ୍ୟତମ ଯତ୍ନଶୀଳ ହେଉ ନ ଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି।

**ବଢୁଛି ଅସନ୍ତୋଷ**

# ନବନିର୍ବାଚିତ ଲୋକ ପ୍ରତିନିଧିଙ୍କ ଶପଥ


ଶପଥପାଠ କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକ ପ୍ରତିନିଧି।

ଯୋଡ଼ା,୨୯।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକାର ନବନିର୍ବାଚିତ ପ୍ରତିନିଧି ମାନେ ଶୁକ୍ରବାର ପ୍ରଥମ ପୌର ପରିଷଦ ବୈଠକରେ ଶପଥ ଗ୍ରହଣ କରିଛନ୍ତି। ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ଯୋଡ଼ା ପୌରାଧ୍ୟକ୍ଷ, ଉପାଧ୍ୟକ୍ଷ ଓ ସମସ୍ତ ୧୪ ଗୋଟି ୱାର୍ଡର କାଉନସିଲରମାନଙ୍କୁ ଶପଥ ପାଠ କରାଇବା ସହ ଯୋଡ଼ା ପୌରପରିଷଦର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ପୌରଧ୍ୟକ୍ଷ ଡାକ୍ତର ଜଗଦୀଶ ପ୍ରସାଦ ସାହୁ ଏହି ବୈଠକରେ ଯୋଡ଼ା ସହରର ସମସ୍ତ ୱାର୍ଡର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ବିଷୟରେ କାଉନସିଲରଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ମଧ୍ୟ ରେ ରାସ୍ତା, ଖରାଦିନ ପାଇଁ ପାନୀୟ ଜଳର ବ୍ୟବସ୍ଥା, ଶିକ୍ଷା ଓ ସାସ୍ଥ୍ୟ ବିଷୟରେ ଆଲୋଚନା କରିବା ସହ ୨୦୨୧/୨୨ ଆର୍ଥିକ ବର୍ଷର ଆୟବ୍ୟୟ ଅଟକଳର ବିବରଣୀ ପାଠ,୨୦୨୨/୨୩ ଆର୍ଥିକ ବର୍ଷରେ ବଜେଟ ଆଦି ବିଷୟରେ କାଉନସିଲର ଓ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।



Reliance
Growth is Life

Reliance Jewels
BE THE MOMENT

ରନ୍ ଅଫ୍ କଚ୍ ଦ୍ୱାରା ଅନୁପ୍ରେରିତ
ଏକ ଅନନ୍ୟ ଅକ୍ଷୟ ତୃତୀୟା କଲେକଶନ୍

ଅକ୍ଷୟ ତୃତୀୟା ଅଫର୍
25% ପର୍ଯ୍ୟନ୍ତ ଛାଡ଼*
ଗୋଲ୍ଡ ଜ୍ୱେଲରୀ ମେକିଂ ଚାର୍ଜେସ୍ ଉପରେ ଏବଂ ଡାଇମଣ୍ଡ ଜ୍ୱେଲରୀ ମୂଲ୍ୟ ଉପରେ
ସୀମିତ ଅବଧି ଅଫର୍ | *ସର୍ତ୍ତ ଓ ନିୟମାବଳୀ ଲାଗୁ

KANN KANN MEIN KARIGARI

SETAT22CZ I ROGAN

କଲେକଶନ୍ ଏକ୍ସପ୍ଲୋର୍ କରିବା ପାଇଁ ସ୍କାନ୍ କରନ୍ତୁ ଏବଂ ପ୍ରକୃତରେ ଜ୍ୱେଲରୀ ଟ୍ରାୟ-ଅନ୍ କରନ୍ତୁ
ଏବେ www.reliancejewels.com ରେ ବି ଉପଲବ୍ଧ

5% EXTRA CASHBACK# SBI card
#Min. Trxn.: ₹25,000; Max. Cashback: ₹2,500 per card account.
Validity: 22 Apr - 03 May 2022. T&C Apply.

ଅନଗୁଳ: ଫୋନ୍: 8249389498, 06764-231280 | ବ୍ରହ୍ମପୁର (ଓଡ଼ିଶା): ଫୋନ୍: 7008995399/0680-2250017/18 | କଟକ: ଫୋନ୍: 7682848136, 0671-2520011 | ଭୁବନେଶ୍ୱର: ଜନପଥ, ଫୋନ୍: 7894455828, 0674-2570035/64 | ଚନ୍ଦ୍ରଶେଖରପୁର, ଫୋନ୍: 7894455782, 9861207889, 0674-2303541 | ଯାଜପୁର: ଫୋନ୍: 9078084953 | ରାଉରକେଲା: ଫୋନ୍: 8120007888/6372909946/0661-2520775/7
ସମ୍ବଲପୁର ଫୋନ୍: 9692975398 | ଝାରସୁଗୁଡ଼ା: ଫୋନ୍: 06645-291740 | ଭଦ୍ରକରେ: ଫୋନ୍: 9078000357
ଆମକୁ ଅନୁସରଣ କରନ୍ତୁ:

## ସୋର ଷ୍ଟେଶନମାଷ୍ଟରଙ୍କ ଭଡ଼ାଘରୁ ଚୋରି

ସୋର,(ଡି.ଏନ.ଏ.)-ଗୁରୁବାର ବିଳମ୍ବିତ ରାତିରେ ବାଲେଶ୍ୱର ଜିଲା ସୋର ରେଲଷ୍ଟେଶନ ନିକଟସ୍ଥ ରାଇପୁର ଛକଠାରେ ଏକ ଭଡ଼ା ଘରେ ରହୁଥିବା ଷ୍ଟେସନମାଷ୍ଟର ସନ୍ତୋଷ କୁମାରଙ୍କ ଘରୁ ଚୋରି ହୋଇଛି। ସେ ଗତକାଲି ରାତି ୨ଟାରେ ଡ୍ୟୁଟିକୁ ଯିବା ପରେ କେହି ଦୁର୍ବୃତ୍ତ ତାଙ୍କ ଘର ପଛ ଝରକା ଗ୍ରୀଲ ଭାଙ୍ଗି ଭିତରେ ପଶି ନଗଦ ୫ହଜାର ଟଙ୍କା, ୨ଟି ସୁନା ଲକେଟ, ୪ ହଳ ରୁପା ବଳା ଚୋରି କରି ନେଇଥିବା ଜାଣିପାରି ସନ୍ତୋଷ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ସଂକ୍ଷେପରେ

## ମାଟ୍ରିକ ପରୀକ୍ଷା:ପ୍ରଥମ ଦିନରେ ୨୩୫ ଅନୁପସ୍ଥିତ

ବସ୍ତା, ୨୯।୪ (ଡି.ଏନ୍.ଏ.)-ଚଳିତବର୍ଷ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ପରୀକ୍ଷାର ପ୍ରଥମ ଦିନରେ ୨୩୫ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି। ବସ୍ତା ବ୍ଲକରେ ୧୫ଟି ପରୀକ୍ଷା କେନ୍ଦ୍ର ହୋଇଛି। ବସ୍ତା ଶମ୍ଭୁନାଥ ନୋଡାଲ ସେଣ୍ଟର ରହିଛି। ଚଳିତବର୍ଷ ୧୫ଟି ସେଣ୍ଟର ଓ ୨ଟି ମଧ୍ୟମା ସ୍କୁଲରେ ମୋଟ ୨୩୫୯ ପରୀକ୍ଷାର୍ଥୀ ଥିବା ବେଳେ ଶୁକ୍ରବାର ପ୍ରଥମ ଇଂଲିଶ ପରୀକ୍ଷାରେ ୨୧୨୪ଜଣ ପରୀକ୍ଷାର୍ଥୀ ଉପସ୍ଥିତ ରହିଛନ୍ତି। ପ୍ରଥମ ଦିନରେ ବ୍ଲକରେ କୌଣସି ଛାତ୍ରଛାତ୍ରୀ କପି କରି ଧରାପଡି ନ ଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି।

## ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଆଭାସି ପାଠଚକ୍ର

ସୋର, ୨୯।୪(ଡି.ଏନ.ଏ.): ସ୍ୱାମୀ ବିବେକାନନ୍ଦ ଲୋକସଂସଦ ବାଲେଶ୍ୱର ଶାଖା ତରଫରୁ ଏଇମାଟିର କଥା କାର୍ଯ୍ୟକ୍ରମରେ 'ସାହିତ୍ୟ ସାଧକ ଅବଦୁଲ ରହିମ' ଶୀର୍ଷକ ୧୯ତମ ଆଭାସୀ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂସଦ ସମ୍ପାଦକ ରାମଚନ୍ଦ୍ର ପୃଷ୍ଟିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପାଠଚକ୍ରରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରାବନ୍ଧିକ ଡ.ରମାକାନ୍ତ ବେହେରା ଯୋଗଦେଇ ଅବଦୁଲ ରହିମ ଜଣେ ବିସ୍ମିତ ପ୍ରତିଭା, ମୁସଲମାନ ହୋଇ ସୁଦ୍ଧା ସେ ଓଡ଼ିଆ ସାହିତ୍ୟ ସାଧନାରେ କିଭଳି ବ୍ରତୀ ଥିଲେ ତାଙ୍କ ଲେଖାରୁ ସ୍ପଷ୍ଟ ବାରିହୁଏ ବୋଲି କହିଥିଲେ। ରଞ୍ଜନ ମହାନ୍ତି ସଂଯୋଜନା କରିଥିବା ବେଳେ ପ୍ରତାପ କୁମାର କର ବିବେକବାଣୀ ପାଠ କରିଥିଲେ।

## ଥାନା ପରିସର ତ୍ରିନାଥ ମନ୍ଦିରରେ ନାମଯଜ୍ଞ

ରାଇରଙ୍ଗପୁର,୨୯।୪(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ପରିସରରେ ଥିବା ତ୍ରିନାଥ ମନ୍ଦିରରେ ଶୁକ୍ରବାରଠାରୁ ୨୪ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଏହା ୩ ଦିନ ଧରି ଚାଲିବ। ଏଥିରେ ୬ଟି ସଙ୍କୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଛନ୍ତି। ଥାନା ଏସ୍‌ଆଇ ଉମ୍ପରୁଧର ମହାନ୍ତ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର ଶୁଭାରମ୍ଭ

ଭଣ୍ଡାରିପୋଖରୀ, ୨୯।୪ (ଡି.ଏନ.ଏ)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ରଣଜିତ ପଞ୍ଚାୟତ ସରପଞ୍ଚ ସୁଜାତା ସାହୁଙ୍କ ଦ୍ୱାରା ଶୁକ୍ରବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା)ରେ କାର୍ଯ୍ୟ ଶୁଭାରମ୍ଭ କରାଯାଇଛି। ପଞ୍ଚାୟତର ମହାମାଲ୍ୟାଠାରେ କାର୍ଯ୍ୟ ବାବଦରେ ସେ ଶ୍ରମିକମାନଙ୍କୁ ଅବଗତ କରାଇଥିଲେ। ଏହାସହ କେଉଁ ଆଧାରରେ କେତେ କାର୍ଯ୍ୟ କଲେ ଠିକ୍ ପାରିଶ୍ରମିକ ମିଳିବ ସେନେଇ ସରପଞ୍ଚ ସୂଚନା ଦେଇଥିଲେ। ପଞ୍ଚାୟତ ପକ୍ଷରୁ କାର୍ଯ୍ୟସ୍ଥଳରେ ଅସ୍ଥାୟୀ ବିଶ୍ରାମଗୃହ ସହ ପିଇବା ପାଇଁ ଥଣ୍ଡାପାଣି ବ୍ୟବସ୍ଥା ହୋଇଥିବା ସେ କହିଥିଲେ। ପରେ ସରପଞ୍ଚ ଏହି ଯୋଜନା ଅନ୍ତର୍ଗତ ଏକ ରାସ୍ତାକାମ ସହ ଅନ୍ୟ ଏକ ସ୍ଥାନରେ ମଧ୍ୟ କାର୍ଯ୍ୟ ଶୁଭାରମ୍ଭ କରିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମରୋଜଗାର ସେବକ ପ୍ରମୁଖ ଉପସ୍ଥିତ ଥିଲେ।

# ଖର୍ଚ୍ଚ ଚାଲିଛି, ତଦାରଖ ହେଉନି

## ସାନଘାଗରା ଭିତ୍ତିଭୂମି ବିକାଶ

କେନ୍ଦୁଝର,୨୯।୪(ସ୍ୱ.ପ୍ର.)

ଓଡ଼ିଶା ପ୍ରସିଦ୍ଧ ସାନଘାଗରା ଜଳପ୍ରପାତର ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ବହୁ ଅର୍ଥ ଖର୍ଚ୍ଚ କରିବା ସହ ପର୍ଯ୍ୟଟକ ମାନଙ୍କ ସୁବିଧା ପାଇଁ ବିଭିନ୍ନ ପ୍ରକାରର ବ୍ୟବସ୍ଥା କରୁଛି। କିନ୍ତୁ ଉପଯୁକ୍ତ ତଦାରଖ ଅଭାବରୁ କାମର ମାନକୁ ନେଇ ଏବେ ପ୍ରଶ୍ନ ଉଠୁଛି। କାର୍ଯ୍ୟସ୍ଥଳୀରେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହୁ ନ ଥିବାରୁ କ'ଣ କାମ ହେଉଛି ଏବଂ କେଉଁ ମାନର ସାମଗ୍ରୀ ବ୍ୟବହାର ହେଉଛି ସେସବୁର ତଦାରଖ ଠିକ୍ ଭାବରେ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ସାନଘାଗରାର ବିକାଶ ପାଇଁ ପାଖାପାଖି ୪ କୋଟି ୨୬ ଲକ୍ଷ ଟଙ୍କାର କାମ ଚାଲିଛି। ଏହି ଅର୍ଥରେ ପାର୍କିଂ ବ୍ୟବସ୍ଥା, ଶୌଚାଳୟ, ପାଚେରୀ, ପ୍ରବେଶ ଗେଟ, ଚଲାପଥ, ପାରିପାର୍ଶ୍ୱିକ ଅଞ୍ଚଳ ବିକାଶ ଓ ସୌନ୍ଦର୍ଯ୍ୟକରଣ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ, କାଫେଟେରିଆ, ଫଟୋଗ୍ରାଫି ଜୋନ, ପାନୀୟ ଜଳ ବ୍ୟବସ୍ଥା, ୱାଚ୍‌ଟାୱାର, ବୋଟିଂ ଘାଟ, ବୁଲିବା ପଥ, ସାଇନବୋର୍ଡ ଆଦି କାମ ଚାଲିଛି।

କଂକ୍ରିଟ କାମ ଠିକ୍ ଭାଗମାପ ଓ ପେଭର ବ୍ଲକ ଠିକ ଟେଷ୍ଟ ନ କରି ଏବଂ ଠିକ ଭାବରେ ସମତୁଲ କରି କାମ କରାଯାଉ ନ ଥିବା ଅଭିଯୋଗ ହେଉଛି। ଫଳରେ ଗାଡ଼ି ପାର୍କିଂ ବେଳେ ଖଣ୍ଡ ଖଣ୍ଡ ଭାଙ୍ଗିଯିବା ସମ୍ଭାବନା ରହିଛି। ସାନଘାଗରାର ସୌନ୍ଦର୍ଯ୍ୟକରଣ ଓ ଉନ୍ନତିକରଣ ନାମରେ ଗଛକାଟି ପଦା କରାଯାଇଥିବାରୁ ପରିବେଶବିତମାନେ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ସେହିପରି ଏଠାରେ ବ୍ୟବହାର ହେଉଥିବା ସାମଗ୍ରୀର ମାନ ଠିକ ଯାଞ୍ଚ ହେଉ ନ ଥିବାରୁ କାମର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। କେନ୍ଦ୍ର ପରିସରରୁ ମାଟି ତାଡି ନେଇ ଅନ୍ୟ କାମରେ ବ୍ୟବହାର କରାଯାଉଥିବାରୁ ମୃତ୍ତିକା କ୍ଷୟ ସହିତ ପରିବେଶ କ୍ଷତିଗ୍ରସ୍ତ ହେଉଛି। ଫଳରେ ଏହା ମଧ୍ୟରେ ଥିବା ଗଛ ସବୁ ଧସି ପଡିବା ଆଶଙ୍କା ରହୁଛି। ନୂଆ ପ୍ରବେଶ ଗେଟ ନିର୍ମାଣ ନ ହୋଇ ପୁରୁଣା ଗେଟ



ସାନଘାଗରାଠାରେ ନିର୍ମାଣ କାମ ଚାଲିଛି।

ଉପରେ କାମ କରାଯାଉଛି। ଏନ୍‌ଏଚ୍ ନଂ.୪୯ର କଂକ୍ରିଟ ଗାର୍ଡ ୱାଲ ଉପରେ ତାର ବାଡ ଦିଆଯାଇ ପାଚେରି କାମ କରାଯାଉଛି । ଚଲାପଥରେ ଲଗାଯାଇଥିବା ପେଭର ବ୍ଲକ ଠିକ୍ ଭାବେ ବସା ଯାଉ ନ ଥିବା ବେଳେ ଠିକ ମାନର ବାଲି ମଧ୍ୟ ଫିଲିଂ ହେଉନାହିଁ। ଏଣୁ ସମସ୍ତ କାମର ତଦାରଖ ଏକ ଟେକ୍ନିକାଲ କମିଟି ଦ୍ୱାରା ଯାଞ୍ଚ କରିବାକୁ ଦାବି ହେଉଛି।

ଏସମ୍ପର୍କରେ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଶ୍ରୀଧର ମହଲା କହିଛନ୍ତି, କାମ ଠିକ ଭାବେ ଚାଲିଛି। ହ୍ୱାଟସ ଆପ ଜରିଆରେ ପ୍ରତ୍ୟେକ କାମର ମାନ ନିରୀକ୍ଷଣ ଓ ତଦାରଖ କରାଯାଉଛି । କୌଣସି ଅନିୟମତତା ହେଉନାହିଁ। ପ୍ରକାଶ ଯେ, ସାନଘାଗରାକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିବା ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି ।

## ପରୀକ୍ଷା ଦେଲେ ଦୃଷ୍ଟିହୀନ ଛାତ୍ରୀଛାତ୍ର

କେନ୍ଦୁଝର, ୨୯।୪(ଡି.ଏନ୍‌ଏ)

କେନ୍ଦୁଝରର ମନୋଜମଞ୍ଜରୀ ଶିଶୁଭବନ ଦ୍ୱାରା ପରିଚାଳିତ ଓ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅନୁଦାନପ୍ରାପ୍ତ ସିଦ୍ଧମଠସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟର ସମୁଦାୟ ୬ ଜଣ ଛାତ୍ରୀଛାତ୍ର ସ୍ଥାନୀୟ ମୋଚିବନ୍ଧ ନୋଡାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ଶୁକ୍ରବାରଠାରୁ ଅନୁଷ୍ଠିତ ହେଉଥିବା ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା (ସମେଟିଭ-୨) ପରୀକ୍ଷା ଦେଉଛନ୍ତି। ମାଧ୍ୟମିକ ଶିକ୍ଷା ବୋର୍ଡ, ଓଡ଼ିଶାଙ୍କ ନିୟମ ଅନୁସାରେ ଏହି ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କ ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ରଥ ଛାତ୍ରୀଛାତ୍ରଙ୍କର ସଫଳତା କାମନା କରିଛନ୍ତି।

## ୧୬୨ କେନ୍ଦ୍ରରେ ୨୩,୫୧୯ ମାଟ୍ରିକ ପରୀକ୍ଷାର୍ଥୀ

କେନ୍ଦୁଝର, ୨୯।୪(ଡି.ଏନ୍.ଏ.)

କୋଭିଡ ନିୟମ ସହିତ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ପରୀକ୍ଷା ସୁପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଇ ଶୁକ୍ରବାର ଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। କୋଭିଡ କଟକଣା ଭିତରେ ପରୀକ୍ଷା ଆରମ୍ଭ ହୋଇଛି। ରାଜ୍ୟରେ ବୃଦ୍ଧି ପାଉଥିବା ତାପମାତ୍ରା କାରଣରୁ ଦ୍ୱିତୀୟ ସିଟିଂ ପରୀକ୍ଷା ପ୍ରଥମ ସିଟିଂରେ ପରୀକ୍ଷା ହୋଇଛି। ପ୍ରଥମ ସିଟିଂରେ ପରୀକ୍ଷା ସକାଳ ୮ ଟାରୁ ୧୦ଟା ଯାଏ ହୋଇଛି। ପରୀକ୍ଷା କେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ପାଣି, ଓଆର୍‌ଏସ୍ ମହଜୁଦ ରଖାଯାଇଛି। କେନ୍ଦୁଝର ଜିଲାର ୧୬୨ ଟି ପରୀକ୍ଷା କେନ୍ଦ୍ରରେ ୨୬,୩୧୫ ଜଣ ମାଟ୍ରିକ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଦିନ ଦ୍ୱିତୀୟ ଭାଷା ଇଂରାଜୀରେ ୨୩,୫୧୯ ଜଣ ପରିକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୨୭୯୬ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। କପି ରୋକିବା ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଚଳିତ ଥର ଛାତ୍ରୀଛାତ୍ରମାନେ ନିଜ ବିଦ୍ୟାଳୟ ବା ନିକଟତମ ବିଦ୍ୟାଳୟରେ ପରୀକ୍ଷା ଦେଇଛନ୍ତି। ୧୧ଟି ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର ଡେସପାଚ୍ ଅଫିସରଙ୍କ ସହ ସଶସ୍ତ୍ର ଫୋର୍ସ ସହାୟତାରେ ସକାଳ ୫ଟାରୁ ୬ ଟା ମଧ୍ୟରେ ପ୍ରଶ୍ନପତ୍ର ପଠାଯାଇଛି। ଏହି ନୋଡାଲ କେନ୍ଦ୍ର ଗୁଡିକର ତଦାରଖ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକ୍ରମେ ଜିଲାସ୍ତରରେ ଗଠିତ ହୋଇଥିବା ୩ଟି ସ୍କ୍ୱାର୍ଡ ବିଭିନ୍ନ ସେଣ୍ଟର ପରିଦର୍ଶନ କରିଛନ୍ତି। ପରୀକ୍ଷା ପରିଚାଳନା ପାଇଁ ୪ଜଣ ସେକ୍ଟର ମାଜିଷ୍ଟ୍ରେଟଙ୍କ ସମେତ ସ୍କ୍ୱାର୍ଡ ନଂ ୧ରେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲା ବିଜ୍ଞାନ ପରିଦର୍ଶକ କୃଷ୍ଣଚନ୍ଦ୍ର ମହାନ୍ତ ଥିବାବେଳେ ସ୍କ୍ୱାର୍ଡ ନଂ ୨ ରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଘଷିପୁରା କୃଷ୍ଣ ପ୍ରସାଦ ମହାପାତ୍ର ଏବଂ ସ୍କ୍ୱାର୍ଡ ନଂ ୩ ରେ ପାଟଣା ବ୍ଲକ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ସଦର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରଘୁନାଥ ବେହେରା ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଛନ୍ତି। ପରୀକ୍ଷା ସରିବା ପରେ ଛାତ୍ରୀଛାତ୍ର ଖୁସିବ୍ୟକ୍ତ କରିଛନ୍ତି।

# ଉପହାରରେ ଛେଳି, କୁକୁଡ଼ା

ବାଙ୍ଗିରିପୋଷି,୨୯।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଧୀନ ମଣଦା ଗ୍ରାମରେ ଏକ ଉପହାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମା' ବିରଜା ଓ ମାଧୁରୀ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଏହି ଉତ୍ସବ ଆୟୋଜିତ ହୋଇଥିଲା। ପ୍ରକାଶ ଥାଉକି, ବାଙ୍ଗିରିପୋଷିର ୮ଟି ପଞ୍ଚାୟତରେ ସ୍ଥାନୀୟ ନିଧି ଅନୁଷ୍ଠାନ ଓ ହାଇପର ଇଣ୍ଟର ନ୍ୟାସନାଲ ନାମକ ଅନୁଷ୍ଠାନ ଦ୍ୱାରା ୨୦୧୪-୧୯ ମଧ୍ୟରେ ଏହି ଉତ୍ସବକୁ ବହୁଳ ଭାବରେ ପ୍ରଚାର ଓ ପ୍ରସାର କରାଯାଇଥିଲା। ଏଥିରେ ଏହି ନିଧି ଅନୁଷ୍ଠାନ ଦ୍ୱାରା ସାହାଯ୍ୟପ୍ରାପ୍ତ ଜଣେ ହିତାଧିକାରୀ ନିଜର ବ୍ୟବସାୟିକ ସଫଳତା ଲାଭ କରିବା ଖୁସିରେ ଆଉଜଣେ ମହିଳାଙ୍କୁ ନିଜ ଖୁସିରେ ନିଜ ଲାଭାଂଶର କିଛି ଦାନ ସରୂପ ପ୍ରଦାନ କରିଥାନ୍ତି। ଯାହାକି ଛେଳି, କୁକୁଡ଼ା କିମ୍ବା ବିହନ ଇତ୍ୟାଦି। ଚଳିତ ମାସରେ ଏହି ଉତ୍ସବ ପାଳନ ଅବସରରେ ଉଭୟ ହାଇପର ଇଣ୍ଟର ନ୍ୟାସନାଲ ଓ ନିଧି ଅନୁଷ୍ଠାନର କର୍ମଚାରୀଙ୍କ ଗହଣରେ ଏହି



ଉପହାର ସ୍ୱରୂପ ଛେଳି କୁକୁଡ଼ା ପ୍ରଦାନ କରାଯାଉଛି।

ଦୁଇ ସ୍ୱୟଂ ସହାୟକ ଦଳର ସଭ୍ୟମାନେ ସେହି ଉପହାର ପ୍ରଦାନ କରିଥିଲେ। ଏଥିରେ ମା' ବିରଜା ଦଳର ୬ ଜଣ ସଭ୍ୟା ୩ଟି ଛେଳି,୨ଟି କୁକୁଡ଼ା ଓ ବିହନ ମାଧୁରୀ ଦଳର ସଭ୍ୟାମାନଙ୍କୁ ଦାନ କରିଥିଲେ। ଦାନ କରିଥିବା ସଭ୍ୟା ପଞ୍ଚମୀ ନାଏକ (ଛେଳି), ଲିଲି ନାଏକ (ଛେଳି),ସତ୍ୟବତୀ ନାଏକ(ଛେଳି), ଉର୍ମିଳା ନାଏକ (କୁକୁଡା),ସବିତା ନାଏକ (ବିହନ) ଓ ପୂର୍ଣ୍ଣମୀ ନାଏକ (କୁକୁଡା)। ଦାନ ନେଇଥିବା ସଭ୍ୟାମାନେ ହେଲେ ପାର୍ବତୀ ନାଏକ, ନୟନ ତାରା ସାହୁ, ଜନ ବେହେରା, ଆଶାମଣି ବେହେରା, ମୀନା ନାଏକ ଓ ବାସନ୍ତୀ ବେହେରା। ଏହି ଅବସରରେ ହାଇପର ଇଣ୍ଟର ନ୍ୟାସନାଲର ଆନ୍ତର୍ଜାତିକ ଅଧିକାରୀ ନିନା ଯୋଶୀଙ୍କ ସହ ଭାରତୀୟ କାର୍ଯ୍ୟାଳୟର ପ୍ରଭୁଜୀ,ଗୁରୁ ନାହକ ଓ ଅଭିନବ ଗୌରବ ଉପସ୍ଥିତ ରହି ଏହି ମହିଳାଙ୍କ ଦ୍ୱାରା କରାଯାଇଥିବା ଏହି ଦାନକୁ ଅମୂଲ୍ୟ କହିବା ସହ ଅନ୍ୟମାନଙ୍କ ନିମନ୍ତେ ସେହିମାନେ ଦିଗଦର୍ଶନକାରୀ ହୋଇଛନ୍ତି କହି ତୁଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିଧି ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଶାନ୍ତ ମୁଦୁଲି, ପ୍ରକଳ୍ପ ପରିଚାଳକ ଶ୍ରୀନିବାସ ପାଣିଗ୍ରାହୀଙ୍କ ସମେତ ରଶ୍ମୀ ରଞ୍ଜନ ବିଶ୍ୱାଳ, ପୁଷ୍ପଲତା ନାଏକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଜୀବନବୀମା ଉନ୍ନୟନ ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ଜଳେଶ୍ୱର, ୨୯।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱରସ୍ଥିତ ଜୀବନବୀମା କାର୍ଯ୍ୟାଳୟର ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ସାହୁଙ୍କ ଅବସର ଉପଲକ୍ଷେ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟାଳୟର ସମସ୍ତ ପ୍ରଶାସନିକ ଅଧିକାରୀ, ଉନ୍ନୟନ ଅଧିକାରୀ ଓ ଏଜେଣ୍ଟ ଓ କର୍ମଚାରୀମାନେ ତାଙ୍କୁ ଉପଢ୍ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

ସଭାରେ ଶାଖା ପ୍ରବନ୍ଧକ ଅଶ୍ୱିନୀ କୁମାର ଦାସ ସଭାପତିତ୍ୱ କରି ସମସ୍ତେ ଜୀବନବୀମାଭୁକ୍ତ ହେବା ଉଚିତ୍। ଏଥିଲାଗି ଏଜେଣ୍ଟ, କର୍ମଚାରୀମାନଙ୍କ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉଚିତ୍ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଶାଖା ପ୍ରବନ୍ଧକ ସହସ୍ରାଂସୁ ପୁରୋହିତ, ସୁଗୁଣା ସିଂ, ତପନ ସିଂ, କ୍ଲବ ସମ୍ପାଦକ ଅଜିତ୍ ଦାସ ପ୍ରମୁଖ ଯୋଗଦେଇ ସାହୁ ଜଣେ କର୍ତ୍ତବ୍ୟ ପରାୟଣ, ମିଷ୍ଟଭାଷୀ ଓ ଶାଖାକୁ ଆଗକୁ ନେବାରେ ଦକ୍ଷ ଥିବା ସମ୍ପର୍କରେ କହିଥିଲେ। ସାହୁ ଜଣେ ଦକ୍ଷ ରୋଟାରିଆନ୍ ହୋଇଥିବାରୁ ଆସନ୍ତା ଦିନରେ ଅଧିକ ସମାଜସେବାରେ ସମୟ ବିତାଇବେ ବୋଲି ସମ୍ବର୍ଦ୍ଧନା ଉତ୍ତରରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ନାଥ ଜେନା, ବନବିହାରୀ ଜେନା, ଗୋବିନ୍ଦ ସାହୁ, ସତ୍ୟବାନ ସେଠୀ, ସତ୍ୟବ୍ରତ ଜେନା, ଗୋପୀନାଥ ପଟ୍ଟନାୟକ, ସୁକୁମାର ରଣା ଓ ଆରତୀ ଦାସ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଏହି ଉପଲକ୍ଷେ ଅନୁଷ୍ଠାନ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା।

## ଦିବ୍ୟାଙ୍ଗଙ୍କୁ ସହାୟତା ଉପକରଣ ବଣ୍ଟନ



ଦିବ୍ୟାଙ୍ଗଙ୍କୁ ସହାୟତା ଉପକରଣ ବଣ୍ଟନ କରାଯାଉଛି।

ଜଳେଶ୍ୱର, ୨୯।୪(ଡି.ଏନ.ଏ.)

ଦିବ୍ୟାଙ୍ଗମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ସହିତ ସେମାନଙ୍କୁ ସହାୟତା ଯୋଗାଇବା ପାଇଁ ସରକାର ବିଭିନ୍ନ ପ୍ରୟାସ ଜାରି ରଖିଛନ୍ତି। ଶୁକ୍ରବାର ବାଲେଶ୍ୱର ଜିଲା ଜଳେଶ୍ୱରସ୍ଥିତ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଦିବ୍ୟାଙ୍ଗ ସହାୟତା ଉପକରଣ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ୨୦୨୧ ନଭେମ୍ବରରେ ସରକାରଙ୍କ ପକ୍ଷରୁ ଜଳେଶ୍ୱର ହାଇସ୍କୁଲରେ ଆୟୋଜିତ ଭୀମଭୋଇ ସାମର୍ଥ ଶିବିରରେ ୩୮୪ ଜଣ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରାଯାଇ ପ୍ରମାଣପତ୍ର ଦିଆଯାଇଥିଲା। ଶୁକ୍ରବାର ଡାକ୍ତରଙ୍କ ଦ୍ୱାରା ସେମାନଙ୍କୁ ପୁଣିଥରେ ପରୀକ୍ଷା କରାଯାଇ ଉପକରଣ ବଣ୍ଟନ କରାଯାଇଛି ବୋଲି ବିଡିଓ ଅଶ୍ୱିନୀ ଦାସ କହିଛନ୍ତି । ଏଥିରେ ୬୪ଜଣଙ୍କୁ ଟ୍ରାଇସାଇକେଲ, ୯୦ଜଣଙ୍କୁ ହୁଇଲଚେୟାର, ୬୫ଜଣଙ୍କୁ ଆଶାବାଡି ଓ ୧୩୨ ଜଣଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ କରାଯାଇଛି। ଏହି ସମସ୍ତ ଉପକରଣ ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ରୀୟ ପୁନର୍ବାସ ପ୍ରଶିକ୍ଷଣ ଏବଂ ଅନୁସନ୍ଧାନ ସଂସ୍ଥାନ ପକ୍ଷରୁ ଯୋଗାଇ ଦିଆଯାଇଛି। କାର୍ଯ୍ୟକ୍ରମରେ ବିଡିଓ ଅଶ୍ୱିନୀ ଦାସ, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ମ୍ୟୁନିସିପାଲିଟି ଅଧ୍ୟକ୍ଷ ପ୍ରତୀପ ପ୍ରଧାନ, ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲା, ମ୍ୟୁନିସିପାଲିଟି କାଯ୍ୟାନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର, ଏମ୍‌ପି ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ଫାଲଗୁନୀ ପାଣିଗ୍ରାହୀ ଓ ବିଧାୟକ ପ୍ରତିନିଧି ସତ୍ୟରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଲକ୍ଷାଧିକ ଟଙ୍କାର ମଦ ଜବତ, ୬ ଗିରଫ

ଧାମନଗର,୨୯।୪(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କାର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଏଥିସହ ୬ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ଓ କର୍ମଚାରୀଙ୍କୁ ନେଇ ଗଠିତ ଏକ ଟିମ୍ ଧୂଷୁରୀ ଥାନା ଅଧୀନ ଆରଡ଼ି, ବେତାଳିଗାଁ, ଲୁଣିଆ, ଶହୀଦନଗର, ଖପରପଦା, କୋରୁଆ, ଗୋବିନ୍ଦପୁର ଏବଂ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଅର୍ଣ୍ଣପାଳ ଓ ହରିପୁର ଗ୍ରାମାଞ୍ଚଳରେ ଚଢ଼ାଉ କରିଥିଲା। ୧୩୮.୬୦୦ ଲିଟର ବିୟର, ୭୮.୮୪୦ ଲିଟର ବିଦେଶୀ ଏବଂ ୧୨୫ ଲିଟର ଦେଶୀ ମଦ ଜବତ କରିଥିଲା। ଗିରଫ ବେପାରୀମାନେ ହେଲେ ଆରଡ଼ି ଗ୍ରାମର ସୁଶୀଲ ଜେନା ଓ ଅମର ଦାସ, ଲୁଣିଆର ଗିରିଧାରୀ ସେଠୀ, ଶହୀଦନଗରର ଗଜେନ୍ଦ୍ର ଜେନା, କୋରୁଆର ବଳରାମ ମଲ୍ଲିକ ଏବଂ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ହରିପୁରର ନିରଞ୍ଜନ ଦାସ। ଏଏସ୍‌ଆଇ ପୁରୁଷୋତ୍ତମ ମଲ୍ଲିକ, ମୁରଲୀ ପ୍ରଧାନ, କନଷ୍ଟେବଳ ପ୍ରଦୀପ ମଲ୍ଲିକ, ଅଜିତ ସିଙ୍କୁ, ରମେଶ ନାୟକ, ଅନବାଦିତ୍ୟ ବାରିକ, ଶିବପ୍ରସାଦ ସାହୁ, ସନ୍ଧ୍ୟାରାଣୀ ସେନାପତି ଓ ଜେମାମଣି ଜାମୁଡା ଚଢ଼ାଉରେ ସାମିଲ ଥିଲେ। ଏନେଇ ଧାମନଗର ଅବକାରୀ ଥାନାରେ ୫ଟି ମାମଲା ରୁଜୁ କରାଯାଇଛି।

# ଜିଲା ରକ୍ତଦାତା ସଂଘର ବୈଠକ

ବାଲେଶ୍ୱର ଅଫିସ,୨୯।୪

ବାଲେଶ୍ୱର ଜିଲା ରକ୍ତଦାତା ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘ ସଭାପତି କମଳ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରି ଅଧିକ ରକ୍ତଦାନ ଶିବିର ଆୟୋଜନ କରିବା ଓ ଆୟୋଜକମାନଙ୍କୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବାଲେଶ୍ୱର ଜିଲାରେ ରକ୍ତଦାନ ଶିବିର ଆୟୋଜକ ଓ ରକ୍ତଦାତାମାନଙ୍କ ସହଯୋଗରୁ ଅଦ୍ୟାବଧି ଜିଲାରେ ରକ୍ତ ଅଭାବ ନାହିଁ। ବାଲେଶ୍ୱରରେ ମେଡିକାଲ କଲେଜ ପ୍ରତିଷ୍ଠା ପରେ ଶଲ୍ୟଚିକିତ୍ସା ରୋଗୀ ସଂଖ୍ୟା ଓ ଥାଲାସେମିଆ ରୋଗୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧିପାଇଛି। ଆସନ୍ତା ଜୁନ୍ ୧୪ରେ ଚଳିତବର୍ଷ 'ବିଶ୍ୱ ରକ୍ତଦାତା ଦିବସ'କୁ ପାଳନ ସମ୍ପର୍କରେ ବିଷଦ ଆଲୋଚନା ହୋଇଥିଲା। ଏହି ଦିବସ ପୂର୍ବରୁ ସଂଘର ସଦସ୍ୟତା ବୃଦ୍ଧି କରିବାକୁ ଉପସ୍ଥିତ ସଦସ୍ୟମାନଙ୍କୁ ଅନୁରୋଧ କରାଯାଇଛି।

ସଂଘର ସାଧାରଣ ସମ୍ପାଦକ ଇଂ. ଡ. ହୃଷିକେଶ ସାହୁ ଚଳିତବର୍ଷ ଆୟୋଜିତ ରକ୍ତଦାନ ଶିବିର ସମ୍ପର୍କରେ ସୂଚନା ଦେଇଥିଲେ। କୋଷାଧ୍ୟକ୍ଷ ଅକ୍ଷୟ କୁମାର ତ୍ରିପାଠୀ ଆୟବ୍ୟୟର ବିବରଣୀ ପାଠ କରିଥିଲେ। ବୈଠକରେ ରକ୍ତଭଣ୍ଡାର ଅଧିକାରୀ ଡା. ବସନ୍ତ କୁମାର ଉପାଧ୍ୟାୟ, ରକ୍ତ ଉପରେ ବିଶେଷ ଗବେଷଣା କରିଥିବା ଡା. ମହେଶ କୁମାର ବିଶ୍ୱାଳଙ୍କ ସମେତ ରବି ରାଉତ, ଇଂ. ବନମାଳୀ ନାୟକ, ଯଶୋଦାନନ୍ଦନ ଆସ୍, ରମେଶ ଚନ୍ଦ୍ର ଜେନା, ଲକ୍ଷ୍ମୀଧର ବାରିକ, ଗୌରାଙ୍ଗ ପାଣିଗ୍ରାହୀ, ପଦ୍ମଲୋଚନ ଦତ୍ତ, ନିରଞ୍ଜନ ପରିଡ଼ା, ବିଜୟ କୁମାର ପାତ୍ର, ମନୋରଞ୍ଜନ ଦାସ ଓ ଶ୍ୟାମସୁନ୍ଦର ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ରକ୍ତଦାତା ସଂଘର କର୍ମକର୍ତ୍ତା।

# ସ୍ୱାସ୍ଥ୍ୟ, ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ଅନୁପସ୍ଥିତି ନେଇ ଅସନ୍ତୋଷ

## ନୀଳଗିରି ପଞ୍ଚାୟତ ସମିତିର ପ୍ରଥମ ବୈଠକ

ସଜନାଗଡ଼, ୨୯।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ପରିସରରେ ଶୁକ୍ରବାର ପ୍ରଥମ ପଞ୍ଚାୟତ ସମିତି ବୈଠକ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି । ନବନିର୍ବାଚିତ ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝି ସଭାପତିତ୍ୱ କରିଥିଲେ। ବାଲେଶ୍ୱର ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ନୂତନ ବିଡ଼ିଓ ରାହୁଲ ମଣ୍ଡଳ, ତହସିଲଦାର ଅଶେଷ କୁମାର ନାୟକ, ସହକାରୀ ଯନ୍ତ୍ରୀ ଦୀପ୍ତେଂଶୁ ପରିଡ଼ା, ବ୍ଲକ ଉପାଧ୍ୟକ୍ଷ ଜ୍ୟୋତିର୍ମୟ ପୁଥାଳ, ୧୨ନଂ. ଜୋନ ଜିଲାପରିଷଦ ସଭ୍ୟା ରଞ୍ଜିତା ସିଂ, ୧୩ନଂ. ଜୋନ ଜିଲା ପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ୧୧ନଂ. ଜିଲା ପରିଷଦ ସଭ୍ୟା ସୁବର୍ଣ୍ଣା ମଞ୍ଜରୀ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ନୀଳଗିରି ବ୍ଲକରେ ୨୫ଟି ପଞ୍ଚାୟତର ସମସ୍ତ ନବ ନିର୍ବାଚିତ ସରପଞ୍ଚ, ସମିତିସଭ୍ୟମାନେ ଉପସ୍ଥିତ ଥିଲେ। ୨/୩ଟି ବିଭାଗକୁ ଛାଡ଼ିଦେଲେ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ବିଭାଗ ଓ



ବୈଠକରେ ଉପସ୍ଥିତ ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

ବିଦ୍ୟୁତ୍ ବିଭାଗର କୌଣସି ଅଧିକାରୀ ଉପସ୍ଥିତ ନ ଥିବାରୁ ସମିତି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା।

ବୈଠକ ଆରମ୍ଭରୁ ଭାଜପା ଓ ବିଜେଡିର ନବନିର୍ବାଚିତ ପ୍ରତିନିଧିମାନେ ପ୍ରଶ୍ନବାଣରେ ବିଭିନ୍ନ ବିଭାଗ ଅଧିକାରୀମାନଙ୍କୁ ଅତିଷ୍ଠ କରିପକାଇଥିଲେ। ସବୁ ପଞ୍ଚାୟତରେ ପିଇବାପାଣି ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ ନିର୍ବାଚିତ ପ୍ରତିନିଧିମାନେ। ଏପରି ବିଭିନ୍ନ ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ରରେ ପିଇବାପାଣିର ଘୋର ଅବ୍ୟବସ୍ଥା ଉପରେ ବିରକ୍ତି ପ୍ରକାଶ କରିଥିଲେ। ରାଶନକାର୍ଡ଼ରେ ବ୍ୟାପକ ଦୁର୍ନୀତି ହୋଇଥିବା ଯୋଗାଣ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୂର୍ବଦିନରେ କରୋନା ମହାମାରୀ ସମୟରେ ନୀଳଗିରି ବ୍ଲକର ବିଭିନ୍ନ ସ୍କୁଲରେ ଅସ୍ଥାୟୀ କୋଭିଡ୍ କେନ୍ଦ୍ର ଖୋଲାଯାଇଥିଲା। ପ୍ରତି କେନ୍ଦ୍ରକୁ ସରକାରଙ୍କ ପକ୍ଷରୁ ଇନଭର୍ଟର, ଆକ୍ୱାଗାର୍ଡ଼, ଫ୍ୟାନ୍ ସମେତ ବହୁ ଆବଶ୍ୟକ ସାମଗ୍ରୀ କ୍ରୟ କରାଯାଇଥିବା ବେଳେ ଏବେ ସମସ୍ତ ସାମଗ୍ରୀଗୁଡ଼ିକର ସ୍ଥିତାବସ୍ଥା ଉପରେ ଏମ୍‌ପି ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ପ୍ରଶ୍ନ ଉଠାଇଥିବା ବେଳେ ଏହାର ସମସ୍ତ ତଥ୍ୟ ୭ଦିନ ମଧ୍ୟରେ ଦେବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରରେ ପକ୍କା ଗୃହ ନ ଥିବା ବେଳେ କର୍ମୀ ନିଯୁକ୍ତିରେ ପାତରଅନ୍ତର କରାଯାଇଥିବା ପ୍ରତିନିଧିମାନେ ପ୍ରଶ୍ନ ଉଠାଇଥିଲେ। ୧୫ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପର ସମ୍ପୂର୍ଣ୍ଣ ବିଲ୍ ପୈଠ ପାଇଁ ଜେଇମାନଙ୍କୁ ସମିତି ବୈଠକରେ ତାଗିଦ୍ କରାଯାଇଥିଲା। ଶେଷରେ ଉପାଧ୍ୟକ୍ଷ ଜ୍ୟୋତିର୍ମୟ ପୁଥାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଧୂଳିର ବାସ୍ନା ସବୁଠି ସମାନ

## (ଅନୁଭବରେ ଗାଳ୍ପିକା ପଦ୍ମଶ୍ରୀ ବୀଣାପାଣି ମହାନ୍ତି)

ଚିରଶ୍ରୀ ଇନ୍ଦ୍ରସିଂ

୨୦୧୮ ମାର୍ଚ୍ଚ ୧୧ ତାରିଖରେ ବୀଣାଅପାଙ୍କ ଘରକୁ ଯାଇଥିଲି ମୁଁ ଜାଣି ନ ଥିଲି ସେଇ ଶେଷଦେଖା ହେବ। ଅସୁସ୍ଥ ଥିଲେ, ୨ ଘଣ୍ଟା ଧରି ତାଙ୍କ ନିଦ ଭାଙ୍ଗିବାକୁ ଅପେକ୍ଷା କଲି। ଅତିବଡ଼ୀ ପୁରସ୍କାର ଘୋଷଣା ହୋଇସାରିଥିଲା ଏବଂ ସେ ବି ଭାରି ଖୁସିଥିଲେ ତା'ର ପ୍ରାପକ ହୋଇ। ସେଦିନର ସେଇ ଉତ୍ତୀର୍ଣ୍ଣ ସନ୍ଧ୍ୟାରେ, ଅସୁସ୍ଥତା ସତ୍ତ୍ୱେ ସେ ବଡ଼ ଆଗ୍ରହରେ ମୋ' ସହିତ ଗପ ଲମ୍ବାଇ ଦେଇଥିଲେ। କଥାବାର୍ତ୍ତାରେ ତାଙ୍କର ଲୋଭନୀୟ ଏବଂ ଈର୍ଷଣୀୟ ଚଟୁଳ ରସିକତା ସହିତ ଶାଣିତ ବ୍ୟଙ୍ଗୋକ୍ତିକୁ ପରାଜିତ କରିପାରି ନ ଥିଲା ତାଙ୍କର ବୟସଜନିତ ଅସୁସ୍ଥତା ଓ ଅସହାୟତା। ସ୍ୱାଧୀନ ଭାବେ ଚଳପ୍ରଚଳ ହେବାର କ୍ଷମତା ପ୍ରାୟ ହରାଇ ବସିଥିଲେ ବି ସେ ବ୍ରହ୍ମାଣ୍ଡ ବୁଲି ପାରୁଥିଲେ ତାଙ୍କ କଥାର ଉଡ଼ାଣରେ। ଡେରି ହେଉଛି ମୋ' ଫେରିବାକୁ କହି ସେ ବ୍ୟସ୍ତ ବି ହେଉଥିଲେ ଆଉ କଟାଳ ବି କରୁଥିଲେ ଆଉ ଟିକିଏ ରହିଯିବାକୁ। ବହୁତ ହସୁଥିଲେ ସେଦିନ, ବହୁତ। ଆଜି ତାଙ୍କର ଅବର୍ତ୍ତମାନରେ ସେଇ ଦିନଟିର କଥା ଜଳଜଳ ହୋଇ ଦିଶିଯାଉଛି। ବିଶ୍ୱାସ କରିବାକୁ କଷ୍ଟ ହେଉଛି ଯେ, ସେ ଆଉ ନାହାନ୍ତି। ବୟସ ହୋଇଥିଲା, ବ୍ୟାଧି ବି କଷ୍ଟ ଦେଉଥିଲା... ସେ ଚାଲିଯିବାଟା ଚମକାଇ ଦେବା ପରି ଖବର ହେବା କଥା ନୁହେଁ, କିନ୍ତୁ ଭଲପାଇବା ଯୁକ୍ତି ବୁଝେନା!

ବୀଣାଅପା ଆମ ସମସ୍ତଙ୍କର ଆଦରର ବୀଣାଅପା। ସବୁଠୁ ବେଶୀ ସ୍ନେହୀ, ବେଶୀ ସହଜ, ବେଶୀ ବୟସର ଅପା ଆମର- ଆମର ବଡ଼ଭଉଣୀ, ଦିଗବାରେଣୀ। ବଡ଼ଦେଈ ପାଟଦେଈ। ତାଙ୍କ ଗଳ୍ପ ସବୁ ଅନ୍ଧାରରେ ଚମକୁଥିବା ଟିକିମିକି ତାରା- କେବେ ଶ୍ୱେତ, କେବେ ଲୋହିତ, କେବେ ଗଙ୍ଗଶିଉଳି ଫୁଲ ତ କେବେ ଚିରୁଡ଼ାଏ ନିଆଁଝୁଲ। ଆଜି ସେ ଆମ ବାଟକଡ଼ର ଠାକୁରାଣୀ ହେଇଗଲେ। ବୀଣାଅପା କହନ୍ତି, ନିର୍ଦ୍ଦିଷ୍ଟ ଭାବେ କିଛି କହିବାର ନ ଥିଲେ ସେ ଗପ ଲେଖନ୍ତିନି। ତାଙ୍କ ସର୍ଜନାର ଭାବଭୂମିଟି ବଡ଼ ବିସ୍ତାରିତ- ଗଳ୍ପ, ଉପନ୍ୟାସ, କବିତା, ଆତ୍ମଜୀବନୀ... ସବୁକ୍ଷେତ୍ରରେ ତାଙ୍କର ଦକ୍ଷତା। ସେହି ଦକ୍ଷତା ଅର୍ଜନ କରିବା ପାଇଁ ସେ ନିଜକୁ ନିଜର ଚରିତ୍ରମାନଙ୍କ ସହ ମିଶାଇ ଦେବାକୁ କଠୋର ସାଧନା କରିଛନ୍ତି। ବନ୍ଦ ଘର ଭିତରେ ସଂଳାପ କହିଛନ୍ତି ତାଙ୍କ ନାୟିକାର, ଚକାଭଉଁରି ଖେଳିଛନ୍ତି ଚିହ୍ନା ଦରଚିହ୍ନା ମଣିଷମାନଙ୍କ ସହିତ; ଦଉଡ଼ିଛନ୍ତି, ଝୁଣ୍ଟିଛନ୍ତି, ସମବେଦନାରେ ଜୁଡୁବୁଡୁ ହୋଇ ବାହୁନିଛନ୍ତି କାହାର ଆର୍ତ୍ତିରେ ଆତୁର ହୋଇ, ମୁଣ୍ଡ କୋଡ଼ିଛନ୍ତି କାହା ଶୋଇବା ଘରର ଏରୁଣ୍ଡିବନ୍ଧରେ; ଘୂରି ବୁଲିଛନ୍ତି ଗାଁଗଣ୍ଡା ସହର ବଜାର ଦିନର ଆଲୁଅରେ, ଅନ୍ଧାରର ଆତୁଆଳରେ।



୧୯୩୪–୨୦୨୨

କବିତା ତାଙ୍କର ପ୍ରେମ, ଗଳ୍ପ ହେଉଛି ପରକୀୟା। ପ୍ରଥମ କବିତାଟି ହଜେଇ ଦେଇଥିଲେ ବି ସେ କବିତାରେ ଯେ ବର୍ଷା, ଆକାଶ ଓ ଜହ୍ନ ତାରାମାନେ ଥିଲେ, ସେ କଥା ଭୁଲିହୁଏନା। ୧୯୫୮ରୁ ୧୯୬୫ ଭିତରେ ଦୁଇ ଶହରୁ ଅଧିକ କବିତା ଲେଖିଥିବା ବୀଣାଅପା ଯଦିଓ ଗପ ଲେଖିବା ପାଇଁ କବିତାକୁ ଛାଡ଼ିଲେ, କବିତା କିନ୍ତୁ ତାଙ୍କ ଅନ୍ତରରେ ସବୁବେଳେ ରହିଥିଲା। କଥାକାରିତାରେ ସେ କେବେ ଚାତୁର୍ଯ୍ୟ ଦେଖାଇନାହାନ୍ତି। ସମାଜ ବାସ୍ତବତାକୁ ନେଇ ତାଙ୍କର କାରବାର। କେତୋଟି ଧାଡ଼ି ମାତ୍ର ଥୋଉଛି ଏଠି, ତାଙ୍କ ଶରଧାର ଧାଡ଼ିସବୁ। "ଏବେ ନାଉ ବଜାରରୁ କିଣା ହୋଇ ଆସେ। ନାଉ କାଟିଲାବେଳେ ମୋର ମନେହୁଏ ବୋଉର ସବୁ ରକ୍ତ ସତେ ଯେମିତି ନାଉରେ ଜମାଟ ବାନ୍ଧି ବରଫ ପରି ଧଳା ହୋଇଯାଇଛି।" କିମ୍ବା "କମଳି ଠେଙ୍ଗାଟା ଉଠାଇ ଆଣି ଗର୍ଜି ଉଠିଲା- ଯାଉଛୁ ନା ଏ ଠେଙ୍ଗାରେ ତୋ ମୁଣ୍ଡ ଛେଚି ଥୋଇଦେବି। ମୁଁ ଭଦରନୋକର ମାଇପ ନୁହେଁ ଯେ, ଗେରସ୍ତ ଧମକରେ ବିଷ ଖାଇ ମରିବି ପଛେ ପାଟି ଫିଟେଇବିନି।" ତାଙ୍କ ଗଳ୍ପର ସାମଗ୍ରିକତା ଓ ସାମାଜିକ ପ୍ରତିବଦ୍ଧତା ପରିଷ୍କାର ଦିଶିଯାଏ। କହିବାକୁ ଗଲେ ଏକ ନୀରବ ପରିପୂର୍ଣ୍ଣତା ଓ ଗୀତିମୟ ପ୍ରାଣୋଚ୍ଛଳତା ତାଙ୍କର ଗଳ୍ପ ସବୁକୁ ଆବୋରି ବସିଥାଏ। ହୃଦୟକୁ ସିଧାସଳଖ ଛୁଇଁଯାଉଥିବା ତାଙ୍କ ଗଳ୍ପରେ ଅଛି ଦାମ୍ଭିକତା, ଦକ୍ଷତା ଏବଂ ଦୁଃସହ ଦାମିନୀ- ଦ୍ୟୁତି। ନାରୀ ମନୋବିଶ୍ଳେଷଣ, ଫିଟାଇ କରି କହିଲେ ପରିବର୍ତ୍ତନର ପ୍ରଭାବ କେତେ ନାରୀ ଉପରେ ଏବଂ ନାରୀ ନିଜେ କେତେ, କିପରି ଓ କେଉଁ ମାତ୍ରାରେ ପରିବର୍ତ୍ତନର ନିୟାମକ- ଏହି ପ୍ରସଙ୍ଗରେ ତାଙ୍କର ଦାୟିତ୍ୱସମ୍ପନ୍ନ ଓ ଦରଦୀ ବିଚାର ତଥା ଦୃଷ୍ଟଭଙ୍ଗୀ ତାଙ୍କ ଗଳ୍ପକୁ ପ୍ରାଣମୟ କରିଛି।

ବିତିଯାଇଥିବା ଦିନ ତାଙ୍କର ଆତ୍ମଜୀବନୀ। ଯୁଗ ବଦଳିଯାଇଛି। ଇଣ୍ଟରନେଟ୍ ଓ ନାନା ରକମର ଆପ୍‌ରେ ଏବର ଓ ଆଗାମୀ ଦିନର ମଣିଷ ବଞ୍ଚିବେ। ଏହି ଆତ୍ମଜୀବନୀରେ ଜଣେ କୁଣ୍ଠିତ ଓ ତ୍ରସ୍ତ କିଶୋରୀର ସାହିତ୍ୟ ସାଧନାକୁ ଦେଖି ସେମାନେ ବିସ୍ମିତ ହେବେ, ବିଭୋର ହେବେ। ବୀଣାଅପା ତାଙ୍କ ପାଟଦେଈ ଗଳ୍ପରେ କହିଛନ୍ତି ଯେ, "ମଣିଷକୁ ଭଲପାଇବାର ଯେଉଁ ନିଶା, ତାହା ପୃଥିବୀର ସବୁଠୁ ଉତ୍କଟ ନିଶା, ସେ ନିଶାରେ ଥରେ ଘାରି ହେଇଗଲେ ଆଗାମୀ ପୃଥିବୀ ନିଶ୍ଚୟ ସୁନ୍ଦର।" ଅଗଣିତ ପାଠିକପାଠକଙ୍କ ହୃଦୟରେ ଅମଳିନ ଦୀପ୍ତିରେ ବିରାଜିତା ପଦ୍ମଶ୍ରୀ ବୀଣାଅପାଙ୍କର ନମ୍ରତାର ଔଜ୍ଜ୍ୱଲ୍ୟ ବି କେମିତି ଦେଖନ୍ତୁ- "ଏତେ ଟିକିଏ ଜୀବନ ଭିତରେ, ଏତେ ଟିକିଏ ମୋର ଅନୁଭୂତି- ଯାହାର ମିନାର ଗଢ଼ିଉଠିଛି ବିଶ୍ୱବ୍ୟାପୀ ଜୀବନର ଅଲିଖିତ, ଅକୁହା ବେଦନାର ଭିତ୍ତି ଉପରେ। ତାକୁ ମୁଁ ବାଦ୍‌ଦେଇ କୋଉ ସ୍ୱପ୍ନରେ ବିଭୋର ହୋଇ ବଞ୍ଚିବି?" (ମୁଁ ସେଇ ବୁଲ୍‌ବୁଲ୍- ଲାଲ୍ କରୁଛି ଗୋଲାପକୁ ବୁକୁର ରକ୍ତରେ)।

ବୀଣାପାଣି ଲେଖିକା ସଂସଦ ଗଢ଼ିଥିଲେ, ଲେଖିକାମାନଙ୍କର ସବୁଲେଖା ସୁବିଧାରେ ପ୍ରକାଶିତ ହେଉ ବୋଲି ନୁହେଁ, ତାଙ୍କର ଉଦ୍ଦେଶ୍ୟ ଥିଲା ଲେଖିକାମାନେ ବହୁତ ପଢ଼ନ୍ତୁ, ବହୁତ ଜାଣନ୍ତୁ, ନୂଆନୂଆ ବିଷୟବସ୍ତୁକୁ ଗଳ୍ପରେ ରୂପ ଦେଇ ପାରିବାର ଦକ୍ଷତା ଅର୍ଜନ କରନ୍ତୁ, ନିଜ ଲେଖାର ମାନ ବଢ଼ାନ୍ତୁ- ଏଥିପାଇଁ। ଯେମିତି ତାଙ୍କର ମାଆ କୁମୁଦିନୀ ମହାନ୍ତିଙ୍କର ପ୍ରେରଣା ତାଙ୍କୁ ସାହିତ୍ୟ ଜଗତକୁ ବାଟ କଢ଼େଇ ଆଣିଥିଲା ସେ ବି ସେମିତି ମାତୃରୂପା ହୋଇ ଲେଖିକାମାନଙ୍କୁ ଭଲପାଇବାର ହାତ ବଢ଼େଇ ଦେଇଥିଲେ। ଆଜି ସେଇ ଆଲୋକବର୍ତ୍ତିକା ସମା ବରାଭୟଦାୟିନୀ ଆତ୍ମୀୟା ଚାଲିଗଲେ। ତେବେ ଜଣେ ଲେଖକର ଆୟୁଷ ଗଣନାକୁ ମୃତ୍ୟୁର ଗଣିତ ବିଗାଡ଼ି ଦେଇପାରେ ନାହିଁ! ସେ ବଞ୍ଚି ରହିବେ... ସବୁଦିନ!

ପ୍ରଦକ୍ଷିଣ

ତାଙ୍କର ପଦିଏ କଥା ମନେପକାଇ ଦେଉଛି- "ମୁଁ ଏତେ ସହଜରେ ମୃତ୍ୟୁକୁ ସ୍ୱୀକାର କରିନେବାକୁ ପ୍ରସ୍ତୁତ ନୁହେଁ, ଯେହେତୁ ଜନ୍ମର ଶେଷକଥା ମୃତ୍ୟୁ ନୁହେଁ। ମୁଁ ନିଜେ ଚମକିଲେ ବି ପାଠକମାନଙ୍କୁ ନ ଚମକେଇ ସେମାନଙ୍କୁ ଚିନ୍ତା କରିବାକୁ, ସମାଧାନର ମାର୍ଗ ଖୋଜିବାକୁ ମୋର ରକ୍ତ ନିଗାଡ଼ି ଦେଇଛି।"

ଆମ ପାଟଦେଈ କହିଥିଲେ- 'ଧୂଳିର ବାସ୍ନା ସବୁଠି ସମାନ।' ଧୂଳି ଉପରେ ବୀଣାପାଣି ମହାନ୍ତି ରକ୍ତଝରା ପାଦଚିହ୍ନ ରଖିଦେଇ ଯାଇଛନ୍ତି।

ଆଭୂମ ପ୍ରଣାମ ଜଣାଉଛି ସେ ପାଦଚିହ୍ନକୁ।

– ପ୍ରାଧ୍ୟାପିକା, ରାଜନୀତି ବିଜ୍ଞାନ
ୟୁ.ଏନ୍. କଲେଜ, ଅଡ଼ଶପୁର, କଟକ
ମୋ: ୮୦୧୮୪୨୦୫୧୭

# ସରିନି ନାଟକ, ନଇଁଗଲା ଯବନିକା

ଡକ୍ଟର ହୃଷୀକେଶ ମଲ୍ଲିକ

କେହି କହୁନାହିଁ, ଯିଏ ଜନ୍ମିଥିଲା ସିଏ ଜିଇଥା'ନ୍ତା ଯେତେକାଳ ଥାଆନ୍ତେ ଆକାଶରେ ଚନ୍ଦ୍ରସୂର୍ଯ୍ୟ। ଜନ୍ମ ନେଲେ ଅବଶ୍ୟ ମୃତ୍ୟୁ ଅଛି। କିନ୍ତୁ ଅବାକ୍ ଲାଗେ, ଯଦି ସବୁ କାମଦାମ ତୁଟାଇବା ଆଗରୁ ହଠାତ୍ ଉଡ଼ିଯାଏ ଜୀବନହଂସ। ନାଟ୍ୟକାର ରବୀନ୍ଦ୍ରନାଥ ଦାସଙ୍କ କ୍ଷେତ୍ରରେ ଠିକ୍ ସେଇୟା ହିଁ ହେଲା। ତାଙ୍କୁ ବୟସ ୭୯ ହୋଇଥିଲା। କିଛି କମ୍ ନୁହେଁ। ତେବେ ପତଳା ଚେହେରାର ଏହି ଡଗଡଗ ଚାଲୁଥିବା ଲୋକଟିକୁ ଯିଏ ତାଙ୍କ ଯୌବନରେ ଦେଖିଛି, ସିଏ କେବେ ଭାବି ପାରିବ ନାହିଁ ଯେ ସେ ମାତ୍ର ୭୯ବର୍ଷ ବୟସରେ ଏ ମାଟି ଛାଡ଼ି ତାଙ୍କ ଅନନ୍ତ ନିବାସ ଆଡ଼େ ଉଡ଼ିଯିବେ। ସେ କାୟମନୋବାକ୍ୟରେ କେବଳ ସାହିତ୍ୟିକ ନ ଥିଲେ, ସବୁ ମାନବୀୟ ଗୁଣରେ ଥିଲେ ଭରପୂର ଜଣେ ମଣିଷ।

ସ୍ମୃତିରେ ନାଟ୍ୟକାର ରବୀନ୍ଦ୍ରନାଥ ଦାସ



୧୯୪୨–୨୦୨୨

ରବୀନ୍ଦ୍ରନାଥ ଦାସଙ୍କୁ ମୁଁ ଓ ମୋ' ପରି ଅନେକ ସମକାଳର ଲେଖକମାନେ ରବିଭାଇ ବୋଲି ଡାକୁଥିଲୁ। ସେ ଗୀତ, କବିତା, ଗଳ୍ପ, ଉପନ୍ୟାସ ଓ ନାଟକ ସବୁ ଲେଖୁଥିଲେ ବି ନାଟ୍ୟକାର ଭାବରେ ଓଡ଼ିଆ ସାହିତ୍ୟରେ ତାଙ୍କର ସୁଖ୍ୟାତି ଥିଲା।

ନାଟ୍ୟକାର ମନୋରଞ୍ଜନ ଦାସଙ୍କର ଠିକ୍ ପରେ ପରେ ଓଡ଼ିଆ ନାଟକରେ ଯେଉଁ ସରଳ, ଭାବଗର୍ଭୀ ନାଟକର ଯୁଗଟିଏ ଆରମ୍ଭ ହୋଇଥିଲା, ସେ ଥିଲେ ତା'ର ଅନ୍ୟତମ ନିର୍ମାତା। ମଞ୍ଚ ଓ ଦର୍ଶକଙ୍କ ମଧ୍ୟରେ ଥିବା ବ୍ୟବଧାନକୁ କମାଇ ଆଣିବାରେ ସେ ପ୍ରମୁଖ ଭୂମିକା ତୁଲାଇଥିଲେ। ତାଙ୍କ ରଚିତ ନାଟକ 'ଯୋଦ୍ଧା', 'ଧ୍ରୁବ', 'ଦେବୀ', 'ଚିତ୍ରସେନ', 'ଯଯାତି ଯନ୍ତ୍ରଣା' ଓ 'ଅଙ୍ଗାର' ଆଦି ତାଙ୍କୁ ଯଶସ୍ୱୀ କରିଥିଲା। ହେଲେ, 'ବିଷଣ୍ଣ ପୃଥିବୀ' ନାଟକ ପାଲଟିଥିଲା ଓଡ଼ିଆ ସାହିତ୍ୟରେ ତାଙ୍କର ପ୍ରଥମ ପରିଚୟ। ରବୀନ୍ଦ୍ରମଣ୍ଡପରେ ଏହାର ମଞ୍ଚାୟନ ହୋଇଥିଲା ଓ ଏଇ ଲେଖକର ସୌଭାଗ୍ୟ ଯେ, ନାଟକଟିକୁ ଦେଖିବାର ସୌଭାଗ୍ୟ ତାଙ୍କୁ ମିଳିଥିଲା। ନାଟକଟି ଦେଖିବା ପରେ ଏହି ଲେଖକଙ୍କ ଦ୍ୱାରା ପ୍ରସ୍ତୁତ ସମୀକ୍ଷାଟି 'ଧରିତ୍ରୀ'ର ରବିବାସରୀୟ ସଂଖ୍ୟାରେ ପ୍ରକାଶ ପାଇଥିଲା। ରବିଭାଇ ଅନେକଥର ଅନେକଙ୍କ ଆଗରେ ସ୍ୱୀକାର କରିଛନ୍ତି ଯେ 'ଧରିତ୍ରୀ'ର ଏହି ସମୀକ୍ଷାଟି ତାଙ୍କ ନାଟକ ସମ୍ପର୍କରେ ସର୍ବଶ୍ରେଷ୍ଠ ସମୀକ୍ଷା ଥିଲା। ଯୋଗକୁ ୧୯୭୫ରେ 'ବିଷଣ୍ଣ ପୃଥିବୀ' ନାଟକ ପାଇଁ ସେ 'ଓଡ଼ିଶା ସଂଗୀତ ନାଟକ ଏକାଡେମୀ' ଓ ୧୯୮୩ରେ 'ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର' ଲାଭ କରିଥିଲେ। ୨୦୦୬ରେ ଅନୁଷ୍ଠିତ 'ଇଣ୍ଟରନ୍ୟାଶନାଲ ଥିଏଟର ଫେଷ୍ଟିଭାଲ'ରେ ତାଙ୍କୁ ମିଳିଥିଲା 'ନାଟ୍ୟଭୂଷଣ' ଉପାଧି।

ରବିଭାଇଙ୍କ ରଚିତ ଗଳ୍ପଗୁଡ଼ିକ ମଧ୍ୟରେ ପ୍ରମୁଖ ଥିଲା 'ଅନେକ ଯନ୍ତ୍ରଣା', 'ମୁଖବନ୍ଧ', 'ନିଃସଙ୍ଗ ଅଶ୍ୱାରୋହୀ' ଓ 'ନିର୍ବାସିତ ସମ୍ରାଟ୍' ଇତ୍ୟାଦି। ଉପନ୍ୟାସ 'ଘର', 'ବାପା', 'ବୋଉ', 'ମାୟା', 'ଉମା', 'ହୃଦୟେଶ୍ୱରୀ' ଓ 'ନିଃସଙ୍ଗ ଆକାଶ'କୁ ମିଳିଥିଲା ଅକୁଣ୍ଠିତ ପାଠକୀୟ ସ୍ୱୀକୃତି। ଗଳ୍ପ 'ମୁଖବନ୍ଧ' ହିନ୍ଦୀ ଚଳଚ୍ଚିତ୍ରର ରୂପ ପରିଗ୍ରହ କରିଥିଲା 'ଆଭାସ' ଶୀର୍ଷକରେ। ଏହି ଚଳଚ୍ଚିତ୍ରକୁ ମିଳିଥିଲା ଆନ୍ତର୍ଜାତିକ ସ୍ୱୀକୃତି। ଗଳ୍ପ ଓ ଉପନ୍ୟାସକୁ ବାଦ୍‌ଦେଲେ ଜଣେ ଆଗଧାଡ଼ିର ଗୀତିକାର ଭାବେ ମଧ୍ୟ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିପାରିଥିଲେ ଓଡ଼ିଆ ପାଠକ ମହଲରେ। ସେ ଥିଲେ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର। ଉଲ୍ଲେଖନୀୟ ସାହିତ୍ୟ ସାଧନା ପାଇଁ ତାଙ୍କୁ ମଧ୍ୟ ମିଳିଥିଲା ସଙ୍ଗୀତନାଟକ ଏକାଡେମୀ ଓ ପ୍ରଜାତନ୍ତ୍ରର ବିଷୁବ ପୁରସ୍କାର। ୨୦୦୬–୦୭ ବର୍ଷ ପାଇଁ ସେ ଥିଲେ 'ଓଡ଼ିଶା ସାହିତ୍ୟ ଏକାଡେମୀ'ର ସଚିବ। ରେଭେନ୍ସାରୁ ଉଚ୍ଚ ଶିକ୍ଷା ପରେ ସେ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ ଓ ବୃତ୍ତିର ଶେଷ ପର୍ଯ୍ୟନ୍ତ ନିଜକୁ ଜଣେ ଦକ୍ଷ ପ୍ରଶାସକ ଭାବେ ପ୍ରମାଣ କରିପାରିଥିଲେ।

ଏସବୁ ବାହାରେ ସେ ଥିଲେ ଜଣେ ଖୁବ୍ ପରୋପକାରୀ ମଣିଷ। ତାଙ୍କ ପତ୍ନୀ ଇନ୍ଦିରା ଦାସ (ଯାହାଙ୍କୁ ଆମେ ଡଲିଅପା ବୋଲି ଡାକୁ) ପ୍ରକୃତରେ ଥିଲେ ଇନ୍ଦିରା (ଲକ୍ଷ୍ମୀ)। ତାଙ୍କ ସ୍ନେହର ଡୋରରେ ବାନ୍ଧି ହୋଇଥିଲେ ଓଡ଼ିଶାର ବହୁ ନବୋଦିତ ପ୍ରତିଭା। ରବିଭାଇଙ୍କ ସରକାରୀ ବାସଭବନ କଳ୍ପନା ଫ୍ଲାଟ୍ ଓ ନ' ନମ୍ବର ଘରକୁ ଯିଏ ଯାଉଥିଲେ ମୁହଁ ନ ଧୋଇ ଫେରୁ ନ ଥିଲେ। ତାଙ୍କ ଘରେ ବହୁ ନାଟକର ଆଖଡ଼ା ହେଉଥିଲା। ତାଙ୍କ ଝିଅ ପିକୁ (ଲିପିକା), ପୁଅ ପୁପୁନ୍ (ଆକାଶ) ଓ ବୁଲୁ (ପୁତ୍ରପ୍ରତିମ ମନୋରଞ୍ଜନ, ଯିଏ ପରେ ତାଙ୍କ ଜ୍ୱାଇଁ ହେଲେ) ମୋ' ପରି ଅନେକଙ୍କର ଖୁବ୍ ପ୍ରିୟ ଥିଲେ। ଅନ୍ୟ ଯାହା ପାଇଁ ରବିଭାଇ ଯାହା ହୁଅନ୍ତୁନା କାହିଁକି, ମୋ' ପାଇଁ ସେ ଥିଲେ ମାଆପେଟର ଭାଇ ପରି। ମୋର ବହୁ ସଂକଟ– ମୁହୂର୍ତ୍ତରେ ସେ ଥିଲେ ଗଭୀର ଆଶ୍ୱାସନା। ରାଜଧାନୀ କଲେଜରେ ଥିଲାବେଳେ ଏକ ଦୁର୍ଘଟଣାରେ ମୋ' ଗୋଡ଼ ଭାଙ୍ଗିଗଲା। ତାଙ୍କରି ଅଫିସ ଜିପ୍‌ରେ ମୁଁ ଛ' ନମ୍ବର ଡାକ୍ତରଖାନା ଯାଇଥିଲି। କାଳୁପଡ଼ା ଯାଇଥିଲି ତାଙ୍କ ଗାଡ଼ିରେ ଆୟୁର୍ବେଦିକ ସେକ ଚିକିତ୍ସା ପାଇଁ। ସେ ଥିଲେ ଅତ୍ୟନ୍ତ ଗୁଣଗ୍ରାହୀ। ତାଙ୍କ ଘର ଥିଲା ମୋ' ନିଜ ଘର। ଜୀବନଯାତ୍ରାରେ ଥକି ଗଲାବେଳେ ତାଙ୍କରି ଡ୍ରଇଂ ରୁମ୍‌ର ସୋଫା ଥିଲା ମୋ' ପାଇଁ ବିଶ୍ରାମ ନେବାର ବୈକୁଣ୍ଠପୁରୀ, କେବେକେବେ। ଡଲିଅପା କୋଉ ଜନ୍ମରେ ମୋ' ଭଉଣୀ ଥିଲେ କେଜାଣି, ତାଙ୍କ ସ୍ନେହ ମୁଁ ବହୁ ଜନ୍ମରେ ବି ଶୁଝି ପାରିବି ନାହିଁ। ବୁଲୁ ଓ ପିକୁ ମୋ' ନିଜର ପୁତୁରା ଝିଆରୀ ପରି ଥିଲେ। ବୁଲୁ ଭଲ ଲେଖେ, ମେଧାଶକ୍ତିରେ ଭରା। ପିକୁ ନିରୀହ, ଧୀର। ସବୁବେଳେ ପିଲାଟିଏ ପରି ଲାଗେ। ରବିଭାଇଙ୍କ ସହ ମୋର ଶେଷ ସାକ୍ଷାତ୍ ହୋଇଥିଲା ତାଙ୍କ ଘରେ ଠିକ୍ ମୋ'ର ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଭାବେ ନିଯୁକ୍ତି ହେବାର ଅବ୍ୟବହିତ ପୂର୍ବରୁ। ମୁଁ ସଭାପତି ହେବା ପରେ ସେ ଓ ଡଲିଅପା ଖୁସିରେ ଫାଟି ପଡୁଥିଲେ। ଦେଖନ୍ତୁ ଭାଗ୍ୟର ବିଡ଼ମ୍ବନା, ସେଇ ଏକାଡେମୀରେ ପୁଣି ତାଙ୍କରି ଶବକୁ ପୁଷ୍ପାର୍ଘ୍ୟ ଦେବାର ଦାରୁଣ ଯୋଗଟିଏ ମୋ' ପାଇଁ ଲେଖା ହୋଇଥିଲା। ତାଙ୍କ ଅମର ଆତ୍ମାର ସଦ୍‌ଗତି ହେଉ। ତାଙ୍କ କୀର୍ତ୍ତି ଅମର ରହୁ।

ମୋ: ୯୮୫୩୨୮୭୭୫୫

## ପୁସ୍ତକ ପରିଚୟ

### ଚୁପ୍‌ଚାପ୍ ଚତୁର୍ଥଧାଡ଼ିରେ





**କବି:** ତ୍ରିନାଥ ସିଂହ
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍‌ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨,
**ମୂଲ୍ୟ:** ଟ.୧୩୯/–

ମୋଟ ୩୬ଟି କବିତା ସାଙ୍ଗକୁ ବହିଟିରେ ରହିଛି ଓଡ଼ିଆ କବିତାର ପ୍ରବହମାନତାକୁ ନେଇ କବି ଲେଖିଥିବା ଏକ ନାତିଦୀର୍ଘ 'ପୃଷ୍ଠବନ୍ଧ'। ପ୍ରକାଶକ ବହିର ପଛ ମଲାଟରେ ଲେଖିଛନ୍ତି: "ତାଙ୍କ କବିତା (ଅର୍ଥାତ୍ କବିଙ୍କ ଲିଖିତ କବିତା)ର ଭାବବଳୟରେ ଜୀବନାନ୍ୱେଷଣର ବିସ୍ମୟାନୁଭବ ସହ ତା'ର ସୂକ୍ଷ୍ମ ପ୍ରବାହକୁ ପ୍ରତ୍ୟକ୍ଷ କରେ ପାଠକ। xx 'ଚୁପ୍‌ଚାପ୍ ଚତୁର୍ଥଧାଡ଼ିରେ' xx ମାଆ, ମାଟି ଓ ମଣିଷର ସାମାଜିକ, ସାଂସ୍କୃତିକ, ରାଜନୈତିକ ତଥା ଆର୍ଥନୀତିକ ଅଭାବବୋଧ ଓ ଅବକ୍ଷୟର ମର୍ମଭେଦୀ ଚିତ୍ର ବେଶ୍ ସ୍ପଷ୍ଟ।" ତ୍ରିନାଥଙ୍କ କବିତାରେ ମାନବଜୀବନ ଓ ସମାଜର ରୂପଚିତ୍ର କେବଳ ସାମ୍ପ୍ରତିକ ନୁହେଁ, ସେ ସାମ୍ପ୍ରତିକତା ଖୁବ୍ ନିକଟତମ ସମକାଳର ବି। କୋଭିଡ୍ ପୀଡ଼ିତ ସ୍ୱକାଳର ରୂପକୁ ସେ ଟେକିଧରନ୍ତି ଏହିପରି ତାଙ୍କ କବିତାରେ: "ସବୁଠି ତାଟି ଓ କବାଟ ବନ୍ଦ/ ବନ୍ଦ ରାସ୍ତାଘାଟ, ବନ୍ଦ ଆକାଶ ବି ସମୁଦ୍ର ବି/ ପେଟପାଟଣାକୁ ଯାଇଥିବା ଶ୍ରମିକ ଫେରୁଛନ୍ତି ଘରକୁ/ ଲୁଚି ଲୁଚେଇ/ ରେଳଧାରଣା କଡ଼ ଧରି, ଜଙ୍ଗଲ ଝାଡ଼ ଦେଇ/ ଯେ, ମଣିଷକୁ ବି ବିଚିତ୍ର ଆଖିରେ ଦେଖୁଛି ମଣିଷ..." ('ଏ ରାତି ଟିକିଏ ଦୀର୍ଘ', ପୃ: ୫୭) କବିତାଗୁଡ଼ିକର ଭାଷା ସୂକ୍ଷ୍ମ, ସଂଯତ ଓ ସମ୍ବେଦନାରେ ଭରା। ଅଭିବ୍ୟକ୍ତିରେ ଥାଏ ଅପୂର୍ବ ପ୍ରତିକାତ୍ମକତା ଓ କବିତାର ଭାଷାକୁ ନିଜ ବାଗରେ ଗଢ଼ିବାର ନିରଭିମାନୀ ଅଭିଳାଷ। ବହିଟି ପାଠକୀୟ ଆଦୃତି ପାଇବ ବୋଲି ଆଶା।

### ରାଗ ଦରବାରୀ





**ଗାଳ୍ପିକ:** ନିତ୍ୟାନନ୍ଦ ମିଶ୍ର
**ପ୍ରକାଶକ:** କଟକ ଲେଖକ ସହଯୋଗ ସମିତି, କଟକ
**ଦ୍ୱିତୀୟ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୨୦/–

ମୋଟ ୧୫ଟି ଗଳ୍ପ ୧୨୦ ପୃଷ୍ଠାର କଳେବର ନେଇ ଆତ୍ମପ୍ରକାଶ କରିଛି 'ରାଗ ଦରବାରୀ' ନାଁରେ। ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ଗ୍ରାମ୍ୟ ଜନତା ରାଜନୈତିକ କର୍ମୀର ପରିଚୟ ଭିତରେ କିପରି ନିମ୍ନଗ ହୋଇଉଠିଛନ୍ତି ଆଚାର ଓ ଆଚରଣରେ ତା'ରି ବିଶ୍ୱସ୍ତ ଚିତ୍ର ପ୍ରକାଶ ପାଇଛି 'ରାଗ ଦରବାରୀ' ଗଳ୍ପରେ। ଗଳ୍ପର ମୁଖ୍ୟ ଚରିତ୍ର ହରମୋହନ ମନ୍ତ୍ରୀଙ୍କ ଉପଭୋଗ ପାଇଁ ଯୋଗାଉଛନ୍ତି ସୁନ୍ଦରୀ ଝିଅ ଓ ବିନିମୟରେ ନିଜର ସ୍ୱାର୍ଥ ହାସଲ କରୁଛନ୍ତି। ସମୟ ଆସିଛି ଯେତେବେଳେ ତାଙ୍କ ନିଜର କିଶୋରୀ ଝିଅ ମନ୍ତ୍ରୀଙ୍କ ପାଶବିକ ଲାଳସାର ଶିକାର ହୋଇଛି, ସେତେବେଳେ ସେ ପ୍ରତିକାରହୀନ, କାରଣ ରାଜନୀତିର ପଶାପାଲିରେ ସେ ଉପାୟହୀନ ଗୋଟି। ମନ୍ତ୍ରୀଙ୍କ ବନ୍ଦ କୋଠରିରେ କିଶୋରୀ ଝିଅର କାନ୍ଦ ଓ ପ୍ରତିବାଦ ନିରର୍ଥକ ହୋଇଯାଇଛି। ବାହାରେ ତା'ର ବାପା, ଆଖିରେ ଯାହାର ଉପରକୁ ଉଠିବାର ନିଶା। ନିତ୍ୟାନନ୍ଦ ଲେଖୁଛନ୍ତି: "ଗରିବ ଛେଉଣ୍ଡ ପିଲାଟିଏ ପରି ସେ କାନ୍ଦିଉଠି ଡାକବଙ୍ଗଳାର ବାରଣ୍ଡାରେ ଲଥିକିନା ବସିପଡ଼ିଲେ ମୁଣ୍ଡରେ ହାତଦେଇ। ଅନେକ ନିର୍ବାକ୍ ଅତ୍ୟାଚାରିତ ଲୋକଙ୍କର ଲୁହ ମିଳିତ ହୋଇ ଯେମିତି ତାଙ୍କର ଦୁଇ ଆଖିରୁ ବୋହି ଆସିଲା।" (ପୃ:୬୬)। ବହିଟିର ପ୍ରତିଟି ଗଳ୍ପ ସମାଜ ଓ ମଣିଷକୁ ଉଚିତ ମାର୍ଗରେ ବାଟକଢ଼େଇ ନେବାର ଗୋଟିଏ ଗୋଟିଏ ସଚେତନ ପ୍ରଚେଷ୍ଟା। ଆଶା କରାଯାଏ, ବହିଟି ହାତରୁ ହାତକୁ ହେଇ ବହୁ ଲୋକଙ୍କ ପାଖରେ ପହଞ୍ଚିବାର ସୌଭାଗ୍ୟ ଲାଭ କରିବ।

## ଚାବି

ସଂଗ୍ରହ– ନିରୁପମା ଆଚାର୍ଯ୍ୟ

କ୍ଷୁଦ୍ର ଗଳ୍ପ

ଜୁଲିଆ ଡିକ୍‌ସନ୍ ବାହାରକୁ ଚାଲିଆସି କବାଟଟାକୁ ଟାଣି ଦେଇଛନ୍ତି। କବାଟ ବନ୍ଦ ହୋଇଗଲା। ହେଲେ ଜାଣିଲେ ଯେ ଘର ଚାବି ଭିତରେ ରହିଯାଇଛି। ସେ ଆଣିବାକୁ ଭୁଲି ଯାଇଛନ୍ତି। କ'ଣ କରିବେ? ଠିକ୍ ଏତିକିବେଳେ ଡାକବାଲା ଆସି ତାଙ୍କ ସାମ୍ନାରେ ପହଞ୍ଚିଲା। ତାଙ୍କୁ ଚାହିଁ ପଚାରିଲା- "କ'ଣ ହୋଇଛି ମିସେସ୍ ଡିକ୍‌ସନ୍! ଆପଣ ଏମିତି ବିଚଳିତ ଦିଶୁଛନ୍ତି?"

ସେ ଡରିଯାଇଥିଲେ। ହାତ ମଳି ମଳି କହିଲେ- "ମୁଁ ଜାଣିନି ଏଇଲେ କ'ଣ କରିବି! ମୋର ଚାବି ତ ଘର ଭିତରେ ରହିଗଲା। ଡୁପ୍ଲିକେଟ୍ ଚାବିଟା ପଡ଼ୋଶୀଙ୍କ ଘରେ ଥାଏ। ହେଲେ ସେମାନେ ତ ଏବେ କେତେଦିନ ପାଇଁ ସହର ବାହାରକୁ ଯାଇଛନ୍ତି। ମୋ' ସ୍ୱାମୀଙ୍କ ପାଖରେ ଗୋଟେ ଚାବି ଅଛି ହିଁ, କିନ୍ତୁ ସେ ଏଇଲେ ଗୋଟେ କନ୍‌ଫରେନ୍ସରେ ଥିବେ ସହରର ଶେଷ ମୁଣ୍ଡରେ। ସେ କନ୍‌ଫରେନ୍ସ ଦିନସାରା ଚାଲିବ। ମୋର ସନ୍ଦେହ ମୁଁ ଚେଷ୍ଟା କଲେ ମଧ୍ୟ ତାଙ୍କ ପାଖରେ ପହଞ୍ଚି ପାରିବି ନାହିଁ। ମୁଁ ଏଥିରେ କେମିତି ଘର ଭିତରକୁ ଯିବି? ପିଲାଙ୍କ ସ୍କୁଲ୍‌ରୁ ଫେରିବା ବେଳ ହୋଇ ଆସିବ।"





ଡାକବାଲା ତାଙ୍କୁ ଥୟ ହେବାକୁ କହିଲା। ଆଉ ଉପାୟ ବତାଇଲା– ତାଲା ଖୋଲିବାବାଲାଙ୍କୁ ଡାକିବାକୁ ହବ। ସେମାନେ ଆସିଲେ ଖୋଲିଦେବେ। ଜୁଲିଆ କହିଲେ, "ମୁଁ ସେ କଥା ଜାଣିଛି, ହେଲେ ସେମାନେ ଆସିଲେ ଏତେ ଟଙ୍କା ମାଗିବେ ଯେ ଏଇଲେ ମୋ' ପାଖରେ ସେତେ ଟଙ୍କା ନାହିଁ।"

ଡାକବାଲା କହିଲା– "ହଁ, ସେ କଥା ସତ। ହଉ ଯୋଉକଥା ମତେ ଜଣା ଆପଣଙ୍କୁ କହିଲି। ଏଥର ମତେ ବିଦାୟ ଦିଅନ୍ତୁ। ଆପଣଙ୍କର ଯାହାସବୁ ଚିଠି ଅଛି ନିଅନ୍ତୁ। କିଏ ଜାଣେ ଏ ସବୁ ଭିତରେ କ'ଣ ସବୁ ଭଲ କଥା ଥିବ, ଯାହା ଆପଣଙ୍କୁ ଖୁସି କରିଦବ।" ଏମିତି କହି ସେ ଚାଲିଗଲା।

ଜୁଲିଆ ସେ ଲଫାପାଗୁଡ଼ିକୁ ଚାହିଁଲେ, ତା' ଭିତରୁ ଗୋଟେ ଚିଠି ତାଙ୍କ ଭାଇ ଜୟାଥନ୍‌ଙ୍କ ପାଖରୁ ଆସିଚି। ଆର ସପ୍ତାହରେ ସେ ତାଙ୍କ ଘରକୁ ଆସିଥିଲେ ଓ ଏଠି ଚାରିଦିନ ରହିଥିଲେ। ତେବେ କାହିଁକି ପୁଣି ଚିଠି ଲେଖିଛନ୍ତି? ଏ କଥା ଭାବି ସେ ସେଇ ଲଫାପାଟିକୁ ଆଗ ଖୋଲିଲେ। ଫଟ୍ କରି ଗୋଟିଏ ଚାବି ତାଙ୍କ ହାତ ଉପରେ ପଡ଼ିଗଲା। ଚିଠିଟିଏ ଅଛି– "ସ୍ନେହର ଜୁଲିଆ, ଗଲା ସପ୍ତାହରେ ଯେତେବେଳେ ମୁଁ ତୋ' ଘରେ ଥିଲି, ସେଦିନ ତୁ' ବଜାର ଯାଇଥିଲୁ। ମୁଁ ଅଜାଣତରେ ପଦାରେ ରହି କବାଟ ଟାଣିକରି ବନ୍ଦ କରି ଦେଇଥିଲି। ଚାବି ତ ଭିତରେ ରହିଯାଇଥିଲା, ତୋ' ପଡ଼ିଶା ଘରୁ ଡୁପ୍ଲିକେଟ୍ ଚାବିଟା ମାଗି ଆଣି ଘର ଖୋଲିଥିଲି। କିନ୍ତୁ ତାଙ୍କୁ ସେଇଟା ଫେରାଇବାକୁ ମନେନାହିଁ। ନେଇ ଆସିଚି। ତେଣୁ ଏଇଲେ ପଠେଇଦେଲି ଚିଠି ସାଙ୍ଗରେ।"

ଜୁଲିଆଙ୍କ ଆଖି ଏଥର ଭିତରକୁ ଖୋଲିଗଲା। କେତେ ବଡ଼ ସମସ୍ୟାର ସମାଧାନ କେତେ ପାଖରେ ଏଇ ଟିକକ ଆଗରୁ କ'ଣ ଜାଣିଥିଲା ସେ! ଈଶ୍ୱରଙ୍କ ପ୍ରତି କୃତଜ୍ଞତାବୋଧରେ ମନ ତାଙ୍କର ଛଳଛଳ ହେଇ ଉଠିଲା।

ମୋ: ୯୭୭୬୯୯୫୭୫୭

## କାଳକାଳକୁ



**"ବିଜୟ ପରି ପରାଜୟ ବି ଆତ୍ମାକୁ ଚହଲେଇ ତମ ମହତପଣକୁ ସାମ୍ନାକୁ ଆଣେ।"**
**– ଏଡ୍‌ଉଇନ୍ ମାର୍କହାମ୍**

**ଏଡ୍‌ଉଇନ୍ ମାର୍କହାମ୍‌ଙ୍କ** ଜନ୍ମ ୨୩ ଏପ୍ରିଲ ୧୮୫୨ରେ ଓ ପରଲୋକ ୭ ମାର୍ଚ୍ଚ ୧୯୪୦ରେ ଆମେରିକାରେ। ଏହି କବିଙ୍କର ପ୍ରସିଦ୍ଧତମ କବିତାଟି ହେଉଛି: "The man with the Hoe" (କୋଦାଳ ହାତରେ ମଣିଷ)। ଆମେରିକାର ଯେଉଁ ଘରଟିରେ ଏଡ୍‌ଉଇନ୍ ଏହି କବିତାଟି ଲେଖିଥିଲେ, ସେଇ ଘରଟି ଏବେ ପୃଥିବୀର ଏକ ଖ୍ୟାତନାମା କବିତା– କେନ୍ଦ୍ର। ଜାଁ ଫ୍ରାଙ୍କୋଇସ୍ ମିଲେଟ୍‌ଙ୍କର ଏକ ପେଣ୍ଟିଂ ଆଧାରରେ କବି ଏହି କବିତାଟି ରଚନା କରିଥିଲେ। ୧୮୯୮ ଇଂରାଜୀ ନବବର୍ଷ ସନ୍ଧ୍ୟାରେ ଅନୁଷ୍ଠିତ ଏକ କବିତା ପାଠୋତ୍ସବରେ କବି ଏହି କବିତାଟି ପାଠ କରିଥିଲେ ଓ ୧୮୯୯ରେ "San Francisco Examiner"ରେ ଏହା ପ୍ରକାଶ ପାଇଥିଲା। ବଂଚିତ ଶ୍ରମିକର ସପକ୍ଷରେ ଏହା ଥିଲା ଏକ ପ୍ରତିବାଦର କବିତା। ମାର୍କହାମ୍ କହନ୍ତି: "ମଣିଷ ଜୀବନର ସବୁଠୁଁ ମହତ୍ତର କାମ ହେଉଛି ଶୋଷିତର ପକ୍ଷନେବା।"

## ବିଷଫୁଲ

ଚିନ୍ମୟୀ ପଣ୍ଡା

ଲଘୁ ଗଳ୍ପ

ମଞ୍ଜିରୁ ଗଛ ହେଲା। ଛନଛନ ହେଇ ବଢ଼ିଚାଲିଲା। କଢ଼ ଆସିଲା, ଫୁଲ ଫୁଟିଲା। ବାସ୍ନା ଚହଟିଗଲା। ଭଅଁର ଆସିଲେ, ଆହୁରି ଆସିଲେ ମହୁମାଛି ଓ ଅନେକ ପ୍ରକାର ମହୁଖିଆ କୀଟପତଙ୍ଗ। ବଗିଚା ମଧ୍ୟରେ ସେ ଗଛଟିର ପ୍ରଶଂସକ ଅନେକ। ତା' ଫୁଲପାଇଁ ତା' ଆଦର ବି ବହୁତ। ମାଳୀ କହେ ସେ ଗଛ ଏକ ନୂତନ ପ୍ରଜାତିର ଗଛ। ମାଳୀ କେବେ ନା ଏଭଳି ଗଛ ଦେଖିଛି ନା ଜାଣିଛି। ତା'ହେଲେ ଏ ଗଛ ଆସିଲା କୋଉଠୁ? ମଣିଷଠାରୁ କୀଟପତଙ୍ଗ ଯାଏଁ ସମସ୍ତେ ଏହି ଫୁଲର ସୌନ୍ଦର୍ଯ୍ୟ ଓ ବାସ୍ନାରେ ମତୁଆଲା ହେଲେ। ବଗିଚାକୁ ଯିଏ ବି ଆସିଲେ ସେହି ଗଛ ପାଖେ ଫଟୋ ଉଠେଇଲେ। ବିଭିନ୍ନ ପୋଜ ଦେଇ ଫଟୋ ଉଠେଇଲେ। ଭଅଁର, ପୋକ, ମାଛି ସେହି ଗଛ ପାଖେ ପରସ୍ପର ସାଥିରେ କଳିଗୋଳ କରି କାମୁଡ଼ାକାମୁଡ଼ି ହେଲେ। କ୍ରମଶଃ ଫୁଲର ସୌନ୍ଦର୍ଯ୍ୟ ଆହୁରି ବଢ଼ିଲା। ବାସ ତାହାର ଚତୁର୍ଦ୍ଦିଗ ବ୍ୟାପିଲା। ମଣିଷମାନେ ମଧ୍ୟ ଜଣେ ଆଉ ଜଣଙ୍କୁ କହି କାନରୁ କାନକୁ ଯାଇ ତୁଣ୍ଡ ବାଇଦ ସହସ୍ର କୋଶ ହେଲା। ବଗିଚାକୁ ଯାଇ ସେହି ଫୁଲ ସାଥିରେ ସେଲ୍‌ଫି ଉଠାଇବା ଏକ ଷ୍ଟାଇଲ୍ ବୋଲି ଧରାଗଲା। କ୍ରମେ ଲୋକଙ୍କ ଭିଡ଼ ଜମିଲା।

ଗଛ ତା' ବଂଶ ବିସ୍ତାର କଲା। ତା' ଭଳି ଅନେକ ଫୁଲ ସୃଷ୍ଟି ହେଲେ। ପାର୍କରେ ଅସଂଖ୍ୟ ଭିଡ଼ ହେଲା। ଯେତେ ଗହଳି ବଢ଼ିଲା, ଫୁଲମାନଙ୍କ ଭିତରେ ଉତ୍ସାହ ବଢ଼ିଲା। ଆହୁରି ଛନ୍ନଛନ୍ନ କନକପ ହେଲେ। ଭ୍ରମର ଦଳ ନିଶାଖୋର ଭଳି ହେଲେ। କିଏ ଫୁଲକୁ ଦେଖିଦେଖି କବିତା ଲେଖିଲା, କେହି ତା' ଫୁଲକୁ ଛୁଇଁଲା ତ ଆଉ କିଏ ଫୁଲର ସୌନ୍ଦର୍ଯ୍ୟରେ ସେ ଆତ୍ମହରା ହେଲା।

ବର୍ଷବର୍ଷ ଧରି ନିଜ ସୌନ୍ଦର୍ଯ୍ୟ ଓ ସୁଗନ୍ଧରେ ଆକର୍ଷିତ କରିଥିବା ଫୁଲମାନେ କ୍ରମେ ନିର୍ଜନରେ ପଡ଼ିରହିଲେ। କିନ୍ତୁ ଧୈର୍ଯ୍ୟହରା ନ ହୋଇ ସେମାନେ ନିଜ ପ୍ରତିଭା ବଢ଼ାଇ ଚାଲିଥିଲେ। କ୍ରମେ ସହରରେ ଏକ ବ୍ୟାଧି ବ୍ୟାପିଲା। ଡାକ୍ତର ଚିକିତ୍ସା କରି କରି ନୟାନ୍ତ ହେଲେ। ରୋଗର କାରଣ ବୁଝିବା ପାଇଁ ସରକାର କମିଟି ଗଢ଼ିଲେ। ଖୋଳତାଡ଼ରୁ ଜଣାଗଲା ସେହି ଫୁଲର ପ୍ରେମୀମାନେ ଉକ୍ତ ରୋଗର ବାହକ ହୋଇ ସହରରେ ରୋଗ ବଢ଼ାଇବାରେ ଲାଗିଛନ୍ତି।

ଫୁଲ ସଂସ୍ପର୍ଶରେ ଆସିଥିବା କୀଟପତଙ୍ଗ ବି ସେହି ବିଷରୁ ବର୍ତ୍ତିନାହାନ୍ତି। ସହର ବିଷାକ୍ତ। ହାହାକର ଚାରିଆଡ଼େ। ଅନେକ ରାସାୟନିକ ପ୍ରକ୍ରିୟାରେ ନୂତନ ଔଷଧ ନିର୍ମାଣ କରିବାରେ ବ୍ୟସ୍ତ ରହିଲେ କମ୍ପାନୀ ସବୁ। ତତ୍କାଳ ବ୍ୟବହାର ପାଇଁ ବିନା ପ୍ରୟୋଗରେ ଔଷଧ ସବୁ ସେହି ଦୁରାରୋଗ୍ୟ ପୀଡ଼ିତଙ୍କୁ ଦିଆଗଲା। ଅନେକଙ୍କ ମୃତ୍ୟୁ ଘଟିଲା। ଅନେକ ଅକର୍ମଣ୍ୟ ହୋଇ ପଡ଼ି ରହିଲେ। ଫୁଲର ପ୍ରେମୀମାନେ ଫୁଲକୁ ଅଭିଶାପ ଦେବାକୁ ଲାଗିଲେ। ପାର୍କଟି ବର୍ତ୍ତମାନ ବିଷାକ୍ତ ବୋଲି ପ୍ରଘଟ ହୋଇଯିବାରୁ ତା' ମଧ୍ୟକୁ ମଣିଷ କ'ଣ ପକ୍ଷୀ, କୁକୁର, ପୋକଜୋକ ମଧ୍ୟ ଯିବାକୁ ଡରିଲେ ଓ ପରିତ୍ୟକ୍ତ ଭାବେ ସେ ପାର୍କଟି ପଡ଼ିରହିଲା। ଅନେକ ଚେଷ୍ଟା ଦ୍ୱାରା ସେହି ଫୁଲଗଛର ବଂଶ ନିପାତ କରାଗଲା। ତୀବ୍ର ବିଷ ଦ୍ୱାରା ତା' ସମୂଳ ନାଶ ସମ୍ଭବ ହେଲା। କାରଣ ବିଷକୁ ବିଷ ହିଁ କାଟେ। ଏହି ପ୍ରକ୍ରିୟାରେ ଅନେକ ସମୟ, ଅର୍ଥ ଓ ଶକ୍ତି ବିନିଯୋଗ ହେଲା। ଇତିମଧ୍ୟରେ ପାର୍କରେ ଥିବା ଅନ୍ୟ ଫୁଲମାନେ ପାଣି ନ ପାଇ ମରିଗେଲ। ଫି ଦିନ ଖବରକାଗଜରେ ସେହି ମାରାତ୍ମକ ଫୁଲର ଫଟୋ ବାହାରିଲା। ସୋସିଆଲ ମିଡିଆରେ ସେହି ଫୁଲ ଭାଇରାଲ ହେଲା।

କ୍ରମେ ସେହି ସହର ସାରା ପୃଥିବୀରେ ବିଖ୍ୟାତ ହେଲା ଭୟଙ୍କର ରୋଗ ପାଇଁ ଓ ସେହି ସହର ତା' ଗରିମା ହରାଇଲା। ଲୋକେ ଫୁଲକୁ ଦେଖି ଡରିଲେ। ଅନେକ ନୀରିହ ଫୁଲ ଅକାଳମୃତ୍ୟୁକୁ ବରିନେଲେ।

ଫୋନ୍ ସ୍କ୍ରିନ୍‌ରେ ସେହି ଫୁଲର ଫଟୋକୁ ଦେଖି ପିଲାଟିଏ ଭୟରେ ଚିତ୍କାର କଲା 'ବିଷଫୁଲ'।

ବହୁ ବର୍ଷ ତଳର କଥା ଏହା। କିନ୍ତୁ ଆଜିକାଲି ମଧ୍ୟ କେଉଁଠି ଏଭଳି 'ବିଷଫୁଲ'ର ଆବିର୍ଭାବ ଘଟୁଛି ଓ ତାହାର ପ୍ରେମୀ ମଧ୍ୟ ଆକ୍ରାନ୍ତ ହେଉଛନ୍ତି। ଆଜି ମଧ୍ୟ 'ବିଷଫୁଲ' ପାଇଁ ସମସ୍ତ ନିଷ୍ପାପ ଫୁଲଙ୍କୁ ନିଜ ସମ୍ମାନ ହରାଇବାକୁ ପଡୁଛି।

ମୋ: ୯୮୬୧୧୯୧୯୬୯



